THE BIPLABI PARIKRAMA

# ବିପ୍ଳବୀ ପରିକ୍ରମା

Email-biplabiparikrama@gmail.com
www.biplabiparikrama.org

RNI Regd. ODI ODI/2013/50740
Postal.Regd-BG/19/2024-26

Volume-13 ISSUE -04 | ବ୍ରହ୍ମପୁର Berhampur | ଏପ୍ରିଲ ୨୯ - ୨୦୨୬ April 29 -2026 | ବୁଧବାର Wednesday | ୪ ପୃଷ୍ଠା 4 Page | ୫ ଟଙ୍କା ମାତ୍ର Rupees 5/- only

### ସୁଧୀର ପାତ୍ର ହତ୍ୟା ମାମଲାର ଅଡ଼ିଓ ଭାଇରାଲ

## ସ୍ତ୍ରୀ ରଶ୍ମିତାଙ୍କୁ କୋଟିଏ ଟଙ୍କା ମାଗିଥିଲେ ଅପହରଣକାରୀ

ବ୍ରହ୍ମପୁର, : ବ୍ରହ୍ମପୁର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା। ଅପହରଣକାରୀ ଓ ମୃତକ ସୁଧୀରଙ୍କ ପତ୍ନୀ ରଶ୍ମିତାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଅଡିଓ କ୍ଲିପ୍ ଭାଇରାଲ୍। ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ସତ। ସ୍ତ୍ରୀ ସହ କରିଥିଲେ ସ୍ୱାମୀ ଜୀବନର ସଉଦା। ସୁଧୀରଙ୍କୁ ମାରିବାକୁ ୫୦ ଲକ୍ଷ ଟଙ୍କାର ସୁପାରୀ ମିଳିଥିବା କହିଥିଲେ ଅପହରଣକାରୀ। ସ୍ୱାମୀ ବଦଳରେ ଏକ କୋଟି ଟଙ୍କା ଧରି ଆସିକା ଆସିବାକୁ ରଶ୍ମିତାଙ୍କୁ କହିଥିଲା ଅଭିଯୁକ୍ତ। ଟଙ୍କା ନାହିଁ ବୋଲି ରଶ୍ମିତା ମନା କରିବାରୁ ବେକରେ ପିନ୍ଧିଥିବା ୧୦ ତୋଳା ସୁନା ଦେବାକୁ କହିଥିଲା ନୃଶଂସ। ଯାହାକୁ ନେଇ କିଛି ସମୟ ଯାଏଁ ରଶ୍ମିତା ଓ ଅପହରଣକାରୀଙ୍କ ମଧ୍ୟରେ ହୋଇଥିଲା ଯୁକ୍ତିତର୍କ । ସୁଧୀର ସବୁ ଟଙ୍କା ବ୍ୟାଙ୍କ ଲକରରେ ରଖିଥିବା ଅଭିଯୁକ୍ତକୁ କହିଥିଲେ ରଶ୍ମିତା। ହେଲେ ଅଭିଯୁକ୍ତ ଏହି କଥାକୁ ମାନି ନଥିଲା। ରଶ୍ମିତା ଓ ଝିଅ ଲଗାଇଥିବା ସବୁ ସୁନା ଆଣି ଦେବା ପାଇଁ କହିଥିଲା। କେସ୍ କଲେ କିମ୍ବା କଥା ଲିକ୍ ହେଲେ ଭଲ ହେବନି ବୋଲି ଚେତାବନୀ ଦେଇଥିଲା ଅପହରଣକାରୀ। ଏଥିରେ ଭୟଭୀତ ହୋଇ ରଶ୍ମିତା ସୁନା ଟଙ୍କା ବଦଳରେ ସ୍ୱାମୀଙ୍କୁ ଫେରାଇ ଦେବାକୁ ନେହୁରା ହୋଇଥିଲେ। ଏହାପରେ ଅଭିଯୁକ୍ତ ରଶ୍ମିତାଙ୍କୁ ନିଜେ ପିନ୍ଧିଥିବା ସୁନା ସହ ଘରେ ରଖିଥିବା ସୁନାକୁ ମଧ୍ୟ ସାଙ୍ଗରେ ଧରି ଆସିକା ଆସିବାକୁ କହିଥିଲା। ଆସିକା ଆସିବା ପରେ ଆଉ କିଛି ସହଯୋଗୀ ତାଙ୍କୁ ପିଛା କରିବେ। କୌଣସି ଭୁଲ୍ ହେଲେ ଭଲ ହେବନି ବୋଲି ଚେତାବନୀ ଦେଇଥିଲା ହତ୍ୟାକାରୀ। ହେଲେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ କଥା ବଦଳାଇଥିଲେ। କାର୍ ବଦଳରେ ବାଇକ୍ ରେ ଆସିବାକୁ କହିଥିଲେ। ଆସିକା ଆସିବା ମଧ୍ୟରେ ୱାଟସଆପ୍ ନମ୍ବରରେ କଲ କରିବୁ ନେଟ୍ ଅନ୍ କରି ରଖିଥାଅ ବୋଲି ରଶ୍ମିତାଙ୍କୁ କହିଥିଲେ ଅଭିଯୁକ୍ତମାନେ। ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ



ପୁଲିସ ସୋମବାର ସମସ୍ତ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଛି । ଗୋଟିଏ ଜାଗାରେ ମୁଖ୍ୟ ଅଭିଯୁକ୍ତ କାଳୁ ଚରଣ ପ୍ରଧାନ, ସୁପାରି କିଲ୍ର ସୂର୍ଯ୍ୟପ୍ରତାପ ସିଂହ ଓରଫ୍ ଗୋଲୁ, ନାରାୟଣ ପ୍ରଧାନ, ଜିତୁନ୍ ପଲେଇ, ଆଶିଷ ମହାପାତ୍ରଙ୍କୁ ଏକାଠି ଜେରା କରିଛନ୍ତି ଏଏସ୍‌ପି ଆଲୋକ କୁମାର ଜେନା । ଅଭିଯୁକ୍ତମାନେ କେହି କାହା ସହ ପୂର୍ବରୁ ପରିଚିତ ନ ଥିଲେ । କାଳୁ ହିଁ ସମସ୍ତଙ୍କୁ ଏକାଠି କରିଥିଲେ ଏବଂ ସମସ୍ତ ଅପରାଧର ଡାଏଗ୍ରାମ୍ ଆଙ୍କିଥିଲେ । ରବିବାର ଗୋପାଳପୁର ଥାନା ଅଞ୍ଚଳର ବଣଗାଁ, ବୁଗୁଡ଼ା ଥାନା ଅନ୍ତର୍ଗତ ରାମପାଦ ଓ ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡ଼ି–କରଡ଼ାବାଡ଼ି ରାସ୍ତାର ରାଶିପଙ୍କାଳ ବ୍ରିଜ୍ ନିକଟ ଜଙ୍ଗଲରେ ସିନ୍ ରି–କ୍ରିଏସନ୍ ସରିଥିଲା । ଅଭିଯୁକ୍ତମାନେ ଦୁଇଟି ମାଉର୍ଜ ରାମପାଦ ନିକଟ ବାଘୁଆ ଡ୍ୟାମ୍‌ରେ ଫିଙ୍ଗିଛନ୍ତି । ଅଗ୍ନିଶମ ବିଭାଗ ଦୁଇ ଦିନ ହେଲା ବାଘୁଆ ଡ୍ୟାମ୍ ଭିତରେ ବଡ଼ ବଡ଼ ଚୁମ୍ବକ ଲଗାଇ ମାଉଜର ଖୋଜୁଛି । ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ କିଛି ମିଳି ନାହିଁ ।

ଅନ୍ୟପକ୍ଷରେ ଜେଲ୍‌ରେ ସୁଧୀରଙ୍କ ଝିଆରୀ ନିବେଦିତା ଏବଂ ପୁତୁରା ତୁଷାର ଅଛନ୍ତି । ସେମାନଙ୍କୁ ପୁଲିସ ଜେରା କରିବା ପାଇଁ ରିମାଣ୍ଡରେ ନେଇପାରେ । କାଳୁଚରଣ ଜଣେ ଗ୍ରାଜୁଏଟ୍, ସେ ଏକ ଘରୋଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ ବିଭାଗରେ କାମ କରୁଥିଲେ । ସେଠାରୁ ସେ ଚାକିରି ଛାଡ଼ିବା ପରେ ଘରେ ଥିଲେ ଏବଂ ସେ ସାଇବର୍ ଏକ୍ସପର୍ଟ । କାଳୁର ଭାଇ ଠକେଇ ମାମଲାରେ ଏବେ ଉତ୍ତରପ୍ରଦେଶର ଏକ ଜେଲ୍‌ରେ ଥିବାବେଳେ ତାକୁ ବାହାର କରିବାକୁ ଟଙ୍କା ଆବଶ୍ୟକ ଥିଲା । ସୁଧୀରଙ୍କୁ ଅପହରଣ କଲେ ଯେଉଁ ଟଙ୍କା ମିଳିଥାନ୍ତା ସେଥିରେ ସେ ଭାଇକୁ ମୁକୁଳାଇବାକୁ ଚାହୁଁଥିଲେ । ଉତ୍ତରପ୍ରଦେଶର ଜେଲ୍‌କୁ କାଳୁ ଯାଉଥିଲେ । ସେହି ଜେଲ୍‌ରେ ଗୋଲୁ ମଧ୍ୟ ରହୁଥିଲେ । ପରେ ଜେଲ୍‌ରୁ ମୁକୁଳିବା ପରେ କାଳୁ ଓ ଗୋଲୁ ମଧ୍ୟରେ ଘନିଷ୍ଠ ସମ୍ପର୍କ ହୋଇଥିଲା । ଯେତେବେଳେ ସୁଧୀରଙ୍କ ଝିଆରୀ ନିବେଦିତା କାଳୁଙ୍କୁ ତାଙ୍କ ପାରିବାରିକ ବିବାଦ ସମ୍ପର୍କରେ କହିଥିଲେ, ସୁଧୀର ବିରୋଧରେ ପ୍ରତିଶୋଧ ନେବା ସହ କିଛି ଟଙ୍କା ନେଇ ଋଣ ପରିଶୋଧ କରିବାକୁ ଯୋଜନା କରିଥିଲେ ।

ସୁଧୀରଙ୍କୁ ଛାଡ଼ିବାକୁ ଅଭିଯୁକ୍ତମାନେ ଦୁଇ କୋଟି ଟଙ୍କା ମାଗିଥିଲେ । ପରିବାର ରାଜି ହୋଇଥିଲେ । ତଥାପି କାହିଁକି ସୁଧୀରଙ୍କୁ ହତ୍ୟା କରାଗଲା ତାହା ଏବେ ପ୍ରଶ୍ନବାଚୀ ।

## ଦୁଇ ଦିନ ଯାଏଁ ତାତିରୁ ନାହିଁ ନିସ୍ତାର

### ଆକାଶରୁ ବର୍ଷୁଛି ନିଆଁ, କଳବଳ କରୁଛି ଗୁଳୁଗୁଳି

ଭୁବନେଶ୍ୱର: ଉପକୂଳ ଓଡ଼ିଶାରେ ଅଳ୍ପ କିଛି ସ୍ଥାନରେ ତାପମାତ୍ରା ଖସିଛି। କିନ୍ତୁ ପଶ୍ଚିମ ଓଡ଼ିଶା ସେମିତି ତାତିରେ ଫୁଟୁଛି । ଅଗ୍ନିବର୍ଷାରୁ ମୁକ୍ତି ମିଳିନି । ସୋମବାର ଝାରସୁଗୁଡ଼ାରେ ସର୍ବାଧିକ ୪୪.୭ ଡିଗ୍ରୀ ରେକର୍ଡ ହୋଇଥିଲା । ସେହିପରି ବରଗଡ଼ରେ ୪୩.୯, ବୌଦ୍ଧରେ ୪୩.୫, ବଲାଙ୍ଗୀରରେ ୪୩.୩, ସମ୍ବଲପୁର ଓ ନୂଆପଡ଼ାରେ ୪୩.୨, ରାଉରକେଲା, ଟିଟିଲାଗଡ଼ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୩ ଡିଗ୍ରୀ ରହିଥିଲା । ୧୫ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଉପକୂଳ ଓଡ଼ିଶାରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଖୋର୍ଦ୍ଧାରେ ୧ ଡିଗ୍ରୀ କମିଛି । ଭୁବନେଶ୍ୱର ଓ ପୁରୀରେ ମଧ୍ୟ ସ୍ୱଳ୍ପ ଖସିଛି । ଭୁବନେଶ୍ୱରରେ ୩୬.୫, କଟକରେ ୩୬.୬, ପୁରୀରେ ୩୨.୪ ଡିଗ୍ରୀ ରେକର୍ଡ ହୋଇଛି । ନୟାଗଡ଼ରେ ପାରଦ ୪୧.୨ ଡିଗ୍ରୀ ଛୁଇଁଛି ।

ପାଣିପାଗ ବିଭାଗ ପୁଣି ଆଶା ଦେଖାଇଛି ଆଉ ଦୁଇ ଦିନରେ ତାତି ଆହୁରି ୨ରୁ ୩ ଡିଗ୍ରୀ କମିପାରେ । କାଳବୈଶାଖୀ ପ୍ରଭାବରେ ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ଓ କୁଆପଥର ସହ ବର୍ଷା ହୋଇପାରେ । ତଥାପି ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ସ୍ଥିତି ରହିବ । ପଶ୍ଚିମରେ ଗରମରୁ ନିସ୍ତାର ମିଳିବନି । ଗ୍ରୀଷ୍ମପ୍ରବାହ ସ୍ଥିତି ରହିପାରେ। ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ଗରମ ହେବ। ତତଲା ପବନରେ ଲୋକଙ୍କୁ ନାକେଦମ୍ କରିପାରେ ।

ମଙ୍ଗଳବାର ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି,




ବୌଦ୍ଧ, ନୟାଗଡ଼ ଓ ସୋନପୁରରେ ଗ୍ରୀଷ୍ମପ୍ରବାହର ଆଶଙ୍କା ଅଛି । ରାତିବେଳା ବି ଗରମ ରହିବ । ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ସୋନପୁରରେ ରାତିରେ ବି ଭୀଷଣ ଗରମ ହେବ । ଉପକୂଳ ଓଡ଼ିଶାରେ ଅଧିକ ଆର୍ଦ୍ରତା ପାଇଁ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ୧ ତାରିଖ ଯାଏ ଉପକୂଳରେ ଗୁଳୁଗୁଳି ଓ ଗରମ କମିବନି ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୧ ତାରିଖ ଯାଏ ରାଜ୍ୟର ବିକ୍ଷିପ୍ତ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

## ପଞ୍ଚାୟତ ନିର୍ବାଚନରେ ହେବ ନାହିଁ ମେଣ୍ଟ: ଭକ୍ତ

ଭୁବନେଶ୍ୱର: ଦଳରେ ଅସନ୍ତୋଷ ପରେ ଏବେ ୟୁ ଟର୍ଣ୍ଣ ମାରିଛି କଂଗ୍ରେସ। ବିଜେଡି ସହ ସମ୍ପର୍କ କୁ ନେଇ ସ୍ପଷ୍ଟ କରିଛନ୍ତି ପିସିସି ସଭାପତି ଭକ୍ତ ଦାସ। ଜିଲ୍ଲାପରିଷଦ ,ପଞ୍ଚାୟତ, ମୁନିସିପାଲଟି ନିର୍ବାଚନରେ ନିଜ ଦମରେ କଂଗ୍ରେସ ଏକାକୀ ଲଢ଼ିବ ବୋଲି କହିଛନ୍ତି ରାଜ୍ୟ କଂଗ୍ରେସ ମୁଖିଆ। ତେବେ ବିଧାନସଭା ନିର୍ବାଚନ ବେଳେ ଆବଶ୍ୟକ ପଡ଼ିଲେ ହାଇକମାଣ୍ଡ କହିଲେ ବିଜେଡି ସହ ବୁଝାମଣା ହୋଇପାରେ ବୋଲି କହିଛନ୍ତି ପିସିସି ସଭାପତି।

ସୂଚନାଥାଉକି, ଗତ ରାଜ୍ୟସଭା ନିର୍ବାଚନ ସମୟରେ କଂଗ୍ରେସ ଏବଂ ବିଜେଡି ହାତ ମିଳାଇଥିଲେ। ଯଦିଓ ଉଭୟ ବିରୋଧି ଦଳ ବିଜେପି ଆଗରେ ହାର ମାନିଥିଲେ, ତଥାପି ଉଭୟେ ରାଜ୍ୟରେ ଆଗକୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଏକାଠି ଲଢ଼ିବେ ବୋଲି ଏକପ୍ରକାର କଳ୍ପନାଜଳ୍ପନା ଲାଗି ରହିଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ଏପ୍ରିଲ ୧୩ ତାରିଖର ଏକ ବୟାନ ଏହି ଚର୍ଚ୍ଚାକୁ ଆଗକୁ ବଢ଼ାଇଥିଲା । ତେବେ କଂଗ୍ରେସ ଓ ବିଜେଡି ମଧ୍ୟରେ ଆଗାମୀ ଦିନରେ ନିର୍ବାଚନୀ ମେଣ୍ଟର ନିଷ୍ପତ୍ତି ହାଇକମାଣ୍ଡ ନେବେ ବୋଲି କହିଥିଲେ ଭକ୍ତ। କେବଳ ଭକ୍ତ ନୁହଁନ୍ତି ବରଂ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଧ୍ୟ ଭକ୍ତଙ୍କ ଏହି ବୟାନକୁ ଗ୍ରହଣ କରିଥିଲେ ଏବଂ କହିଥିଲେ ଯେ, ସବୁ କ୍ଷେତ୍ରରେ ସମ୍ଭାବନା ରହିଛି, ଯଦି ପିସିସି ସଭାପତି ଏପରି କିଛି କହିଛନ୍ତି ତାହାହେଲେ କିଛି ଅନୁଧ୍ୟାନ କରି କହିଥିବେ।

ତେବେ ପୂର୍ବରୁ ଉଭୟଙ୍କ ଏହି ବୟାନ ରାଜ୍ୟରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ସମ୍ଭାବନାକୁ ଖୋରାକ ଯୋଗାଉଥିବା ବେଳେ ପିସିସି ସଭାପତିଙ୍କ ଆଜିର ପ୍ରତିକ୍ରିୟା କିଛି ଭିନ୍ନ ଦିଗ ଦେଖାଉଛି। ତେବେ ଆଗକୁ ଜଣାପଡ଼ିବ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଉଭୟ କଂଗ୍ରେସ ଏବଂ ବିଜେଡି ମେଣ୍ଟ କରି ନିର୍ବାଚନ ଲଢ଼ୁଛନ୍ତି ନା ନିଜ ଦମ୍‌ରେ ନିର୍ବାଚନୀ ମଇଦାନକୁ ଓହ୍ଲାଉଛନ୍ତି।

ବର୍ତ୍ତମାନ ଓଡ଼ିଶାର ରାଜନୈତିକ ସ୍ଥିତି ଯାହା ରହିଛି, ସେଥିରେ ବିଜେଡି ଓ କଂଗ୍ରେସ ମେଣ୍ଟର ଆବଶ୍ୟକତା ରହିଥିବା କଥା ରାଜନୈତିକ ପଣ୍ଡିତଙ୍କ ମଧ୍ୟରେ ବେଶ୍ ଆଲୋଚନା ହେଉଛି।ରାଜନୈତିକ ପର୍ଯ୍ୟବେକ୍ଷକମାନେ ମଧ୍ୟ କହିଛନ୍ତି, ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ନବୀନ ପଟ୍ଟନାୟକଙ୍କର ସମ୍ପର୍କରେ ସେଭଳି କୌଣସି ତିକ୍ତତା ନାହିଁ। ତେଣୁ ବିଜେଡି ସୁପ୍ରିମୋ ଏ ଦିଗରେ ବିଶେଷ ଧ୍ୟାନ ଦେଇ କଂଗ୍ରେସ ସହିତ ମେଣ୍ଟ ମଧ୍ୟ ନକରିପାରନ୍ତି। ସବୁପରେ ମଧ୍ୟ ରାଜନୀତିରେ ଅସମ୍ଭବ ବୋଲି କିଛି ନାହିଁ, ତେଣୁ ଏବେ ଠାରୁ କୌଣସି ପ୍ରକାର ରାଜନୈତିକ ପରିବର୍ତ୍ତନର ଆକଳନ କରିବା ଅସମ୍ଭବ।

## ପବନ ଶକ୍ତି କ୍ଷେତ୍ରରେ ଆଗକୁ ବଢୁଛି ଭାରତ

### ଗୋପାଳପୁରରେ ମଧ୍ୟ ହେବାକୁ ଯାଉଛି ପବନ ଶକ୍ତି କେନ୍ଦ୍ର

ଭୁବନେଶ୍ୱର: ବିଶ୍ୱରେ ପବନ ଶକ୍ତି ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହେବା ପରଠାରୁ ଭାରତ ପ୍ରଥମ ଥର ଆମେରିକା ଏବଂ ଜର୍ମାନୀକୁ ପଛରେ ପକାଇଛି । ବ୍ଲୁମବର୍ଗ ଏନଇଏଫର ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ବିଶ୍ୱରେ ପବନ କ୍ଷମତା ବୃଦ୍ଧି ସର୍ବାଧିକ ସ୍ତରରେ ପହଞ୍ଚିଛି । ଆଉ ଏହି ଯାତ୍ରାରେ ଚୀନ ପରେ ରହିଛି ଭାରତ । ପବନ ଶକ୍ତି କ୍ଷେତ୍ରରେ ଏବେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ବଜାରରେ ପରିଣତ ହୋଇଛି । ୨୦୨୫ ସୁଦ୍ଧା ଆମେରିକା ଓ ଜର୍ମାନୀକୁ ପଛେଇ ଭାରତ ନୂଆ ଇତିହାସ ରଚିଛି । ଏହା ସହିତ ଓଡ଼ିଶାରେ ମଧ୍ୟ ପବନ ଶକ୍ତି ପ୍ରକଳ୍ପର କାମ ଆରମ୍ଭ ହୋଇଛି ।

ବିଶ୍ୱରେ ପବନ ଶକ୍ତି ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହେବା ପରଠାରୁ ଭାରତ ପ୍ରଥମ ଥର ଆମେରିକା ଏବଂ ଜର୍ମାନୀକୁ ପଛରେ ପକାଇଛି । ବ୍ଲୁମବର୍ଗ ଏନଇଏଫର ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ବିଶ୍ୱରେ ପବନ କ୍ଷମତା ବୃଦ୍ଧି ସର୍ବାଧିକ ସ୍ତରରେ ପହଞ୍ଚିଛି । ଆଉ ଏହି ଯାତ୍ରାରେ ଚୀନ ପରେ ରହିଛି ଭାରତ । ବ୍ଲୁମବର୍ଗ ଅନୁଯାୟୀ, ଭାରତ ୨୦୨୫ ମସିହାରେ ରେକର୍ଡ ୬.୩ ଗିଗାୱାଟ୍? ପବନ ଟର୍ବାଇନ୍ କାର୍ଯ୍ୟକ୍ଷମ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୮୫ ପ୍ରତିଶତ ଅଧିକ ।

ପବନ ଶକ୍ତି କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି ହେଉଥିବା ବେଳେ ଓଡ଼ିଶା ମଧ୍ୟ ଏହି ଦୌଡ଼ରେ ଆଗେଇ ଚାଲିଛି । ପବନ ଶକ୍ତି ପ୍ରକଳ୍ପ ପାଇଁ ପ୍ରାଥମିକ କାମ ଗତ ତିନି ମାସ ଧରି ଚାଲିଛି । ବର୍ତ୍ତମାନ ପ୍ରକଳ୍ପ ପାଇଁ ପ୍ରାଥମିକ ଆକଳନ



ପର୍ଯ୍ୟାୟରେ କାମ ଚାଲିଛି । ସୂର୍ଯ୍ୟ ଶକ୍ତି ସବୁବେଳେ ଉପଲବ୍ଧ ହୁଏନି । ସୂର୍ଯ୍ୟାସ୍ତ ପରେ ଏହାର ଉତ୍ପାଦନ କମିଯାଏ । ଏହି ଅଭାବକୁ ପୂରଣ କରିବା ପାଇଁ ପବନ ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବେ ଦେଖାଯାଉଛି । ଓଡ଼ିଶାରେ ପବନ ଶକ୍ତି ସମ୍ପର୍କିତ ପୂର୍ବରୁ ଅନେକ ତଥ୍ୟ ଉପଲବ୍ଧ ନଥିବାରୁ ଏବେ ବିଭିନ୍ନ ସ୍ଥାନରେ ପବନ ଗତି ଓ କ୍ଷମତା ନିର୍ଣ୍ଣୟ ପାଇଁ ଅଧ୍ୟୟନ କରାଯାଉଛି । ଏହା ପାଇଁ ଚେନ୍ନାଇର ନ୍ୟାସନାଲ୍? ଇନ୍‌ଷ୍ଟିଚ୍ୟୁଟ୍? ଅଫ୍ ୱିଣ୍ଡ ଏନର୍ଜି ସହ ସର୍ଭିସ୍ ଚୁକ୍ତି କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଅଞ୍ଚଳରେ ତିନି ମାସ ପୂର୍ବରୁ ୱିଣ୍ଡ ମାଷ୍ଟ ସ୍ଥାପନ କରାଯାଇଛି । ସୋନପୁର ଓ ଗୋପାଳପୁରରେ ମଧ୍ୟ ଆଗାମୀ ଦିନରେ ପବନ ଶକ୍ତି ଆକଳନ କରାଯିବ । ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସହ ଅନେକ କେନ୍ଦ୍ରୀୟ ପିଏସଏୟୁ ମଧ୍ୟ ଆଗ୍ରହ ଦେଖାଇଛନ୍ତି ।

୨୦୩୬ ସୁଦ୍ଧା ୧୨ ଗିଗାୱାଟ ପବନ ଶକ୍ତି ସମ୍ଭାବନାକୁ ଉପଯୋଗ କରିବା ପାଇଁ ଓଡିଶାରେ ପବନ ଶକ୍ତି ପ୍ରକଳ୍ପ ଧିରେ ଧିରେ ଆଗେଇ ଚାଲିଛି । ଓଡ଼ିଶାର ଏହି ପ୍ରୟାସ ରାଜ୍ୟକୁ ଅକ୍ଷୟ ଶକ୍ତି ମାନଚିତ୍ରରେ ଆଗକୁ ନେବାରେ ସହାୟକ ହେବ ବୋଲି କହିଛନ୍ତି ବିଶେଷଜ୍ଞ ।

### ମାଧ୍ୟମିକ ଟିଜିଟି ଶିକ୍ଷକଙ୍କ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନପିଏସ ଶିକ୍ଷକ ସଂଘ

ଭୁବନେଶ୍ୱର: ରାଜ୍ୟର ଅନ୍ୟ ସମସ୍ତ ରାଜ୍ୟ କ୍ୟାଡର କର୍ମଚାରୀ ମାନଙ୍କର ସମଗ୍ର ଚାକିରୀ କାଳ ଭିତରେ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳିହେଉଥିବା ବେଳେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ମାଧ୍ୟମିକ ଟି. ଜି. ଟି (ପି.ସି.ଏମ,ସି.ବି.ଜେଡ୍, ଆର୍ଟ୍ସ ) ଶିକ୍ଷକ ମାନେ ରାଜ୍ୟ କ୍ୟାଡର କର୍ମଚାରୀ ହୋଇଥିଲେ ବି ସେମାନଙ୍କର ବଦଳି ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳି କ୍ଷେତ୍ରରେ ସମଗ୍ର ଚାକିରୀକାଳ ଭିତରେ ଗୋଟେ ଥର କରାଯାଉଛି । ଯାହା ଫଳରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବହୁତ ମାନସିକ ଅଶାନ୍ତି ଭିତରେ ରହୁଥିବାର ପରିଲିକ୍ଷିତ ହେଉଛି । ମ୍ୟୁଚୁଆଲ ବଦଳି ରେ ସ୍କୁଲ ଏବଂ ଜିଲ୍ଲା ସ୍ତରରେ କୌଣସି ଅଭାବ କିମ୍ବା ଅତିରିକ୍ତତା ପଦବୀ ସୃଷ୍ଟି ହେବ ନାହିଁ ଏବଂ ଅନେକ ଶିକ୍ଷକଙ୍କୁ ଗତ ବର୍ଷ ମ୍ୟୁଚୁଆଲ ବଦଳିରେ ବିଭିନ୍ନ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର କରାଯାଇଛି । କିନ୍ତୁ ସେମାନେ ସେମାନଙ୍କର ବୃଦ୍ଧ ଏବଂ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେବା ପାଇଁ ନିଜ ଜିଲ୍ଲାକୁ ପହଞ୍ଚି ପାରି ନାହାଁନ୍ତି। ତେଣୁ ହଜାର ହଜାର ଶିକ୍ଷକଙ୍କ ପାଇଁ ନିଜ ଜିଲ୍ଲାକୁ ପହଞ୍ଚିବା ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡିଛି ।

ଏଣୁ ଟି. ଜି. ଟି ଶିକ୍ଷକ ଶିକ୍ଷୟତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁକୁ ଦୃଷ୍ଟି ରେ ରଖି ମାଧ୍ୟମିକ ଶିକ୍ଷକଙ୍କ ପାଇଁ ୨୦୨୬–୨୭ ବର୍ଷ ଟ୍ରାନ୍ସଫର ଗାଇଡ଼ଲାଇନ ରେ ଟି. ଜି. ଟି ଶିକ୍ଷକଙ୍କ ପାଇଁ ଦ୍ୱିତୀୟଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳି ପ୍ରଯୁଜ୍ୟ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ କରିବାକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଦାବି କରିଛନ୍ତି। ଏଥିପାଇଁ ସଭାପତି ଶ୍ରୀ ପ୍ରଧାନ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

### ନୟାଗଡ଼ରେ ବସ୍ ଦୁର୍ଘଟଣା

## ୨୦ରୁ ଅଧିକ ଗୁରୁତର

ନୟାଗଡ଼: ନୟାଗଡ଼ରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ। ୨୦ରୁ ଅଧିକ ଯାତ୍ରୀ ଗୁରୁତର। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ରନମାରୁ ନୟାଗଡ଼ ଆସୁଥିଲା ବସ୍‌ଟି। ଭାରସାମ୍ୟ ହରାଇ ଖେଡ଼ପଡ଼ା ନିକଟରେ ଓଲଟି ପଡ଼ିଥିଲା। ବସ୍ ତଳେ ଜଣେ ଦୁଇଜଣଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲୁ ରହିବା ସହ ପୋଲିସ୍ ପହଞ୍ଚି ଘଟଣାର ଯାଞ୍ଚ କରୁଛି ।

## ନକଲି ବି.ଏଡ୍ ସାର୍ଟିଫିକେଟ୍ ଆତଙ୍କ ସୃଷ୍ଟି କରିଛି

ଭୁବନେଶ୍ୱର, : ଆନ୍ଧ୍ର ପ୍ରଦେଶର ବି.ଏଡ୍ ଘୋଟାଲା ପ୍ରକାଶ ପାଇବା ପରେ ନକଲି ସାର୍ଟିଫିକେଟ୍ ଦ୍ୱାରା ଚାକିରି ପାଇଥିବା ପ୍ରାର୍ଥୀମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନେକଙ୍କର ଚାକିରି ଯିବାର ଭୟ ଥିବାବେଳେ, ଅନ୍ୟମାନେ ଗିରଫ ହେବାର ଆଶଙ୍କାରେ ଅଛନ୍ତି। ପୁଲିସ ତଦନ୍ତ ଚାଲିଥିବାରୁ ପ୍ରାର୍ଥୀମାନେ ସାବଧାନ ଭାବରେ ପରିସ୍ଥିତି ନଜର ରଖୁଛନ୍ତି ଏବଂ କିଛି ଲୋକ ତଦନ୍ତ ଆଗକୁ ବଢ଼ିବା ପୂର୍ବରୁ ଏହି ବିବାଦରୁ ଦୂରେଇବାକୁ ଚେଷ୍ଟା କରୁଛନ୍ତି ବୋଲି ଖବର ମିଳିଛି। ଏହି ଅଭିଯୋଗ ଦୁଇଜଣ ଅଭିଯୁକ୍ତବୁର୍ଲାର ଚିତ୍ତରଞ୍ଜନ ବାରିକ ଓ ରୀମା ଦାସଙ୍କୁ କେନ୍ଦ୍ର କରିଛି। ସେମାନେ ବି.ଏଡ୍ ସର୍ଟିଫିକେଟ୍ ଦେବା ନାମରେ ୩୦୦ ରୁ ଅଧିକ ପ୍ରାର୍ଥୀଙ୍କଠାରୁ ବହୁ ଟଙ୍କା ଆଦାୟ କରିଥିବା ଅଭିଯୋଗ ରହିଛି। ଅନେକ ପ୍ରାର୍ଥୀ ସର୍ଟିଫିକେଟ୍ କିମ୍ବା ଟଙ୍କା ଫେରତ ପାଇନଥିବାବେଳେ, କିଛିଙ୍କୁ ଚୁପ୍ କରାଇବା ପାଇଁ ଭୁଆ ସର୍ଟିଫିକେଟ୍ ଦିଆଯାଇଥିଲା। କିଛି ପ୍ରାର୍ଥୀ ଏହି ଭୁଆ ସର୍ଟିଫିକେଟ୍ ଉପରେ ଭରସା କରି , ଓ ପରୀକ୍ଷା ପାଇଁ ଆବେଦନ ମଧ୍ୟ କରିଥିଲେ। ଏହି ସର୍ଟିଫିକେଟ୍ ଦ୍ୱାରା ଚାକିରି ପାଇଥିବା ଲୋକମାନେ ଏବେ ତାହାର ବୈଧତା ନେଇ ସନ୍ଦେହରେ ଅଛନ୍ତି, ଯାହାରୁ ଭୟର ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରଜରାଜନଗର ଅଞ୍ଚଳର ଦୁଇଜଣ ମହିଳା ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଝାରସୁଗୁଡା ସାଇବର ପୁଲିସ ଏକ ମାମଲା ରଜିଷ୍ଟର କରିଛି। ଅଦାଲତୀ ପ୍ରକ୍ରିୟା ପରେ ପୁଲିସ ଅଭିଯୁକ୍ତମାନଙ୍କ ଚାଲିଥିବା ''ୱାନ୍ ୱାର୍ଲ୍ଡ ଏକାଡେମୀ'' ମାଧ୍ୟମରେ ଜାରି ହୋଇଥିବା ସର୍ଟିଫିକେଟ୍‌ଗୁଡିକର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଅନେକ ପ୍ରାର୍ଥୀ ଜଡିତ ହେବାର ଭୟରେ ଅଛନ୍ତି। ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଗୁଣ୍ଡଲା ରାଘବେନ୍ଦ୍ର ରେଡ୍ଡି କହିଛନ୍ତି ଯେ ତଦନ୍ତ ଚାଲିଛି ଓ ଯେଉଁମାନେ ଜଡିତ ଅଛନ୍ତି ସେମାନଙ୍କୁ କେହି ଛାଡ଼ାଯିବ ନାହିଁ। ଏହି ସମୟରେ ଅନେକ ହାଇ ସ୍କୁଲ୍ ଓ ଇଂରାଜୀ ମାଧ୍ୟମ ସ୍କୁଲ୍‌ଗୁଡିକ ଆନ୍ଧ୍ର ବି.ଏଡ୍ ସର୍ଟିଫିକେଟ୍ ଧାରୀ ପ୍ରାର୍ଥୀମାନଙ୍କୁ ନିଯୁକ୍ତ କରିଥିଲେ। ଘୋଟାଳା ପ୍ରକାଶ ପାଇବା ପରେ ସେମାନଙ୍କ ମଧ୍ୟରେ ଭାରି ଚିନ୍ତା ସୃଷ୍ଟି ହୋଇଛି। ଯେଉଁମାନେ ଭର୍ତ୍ତି ଓ ସର୍ଟିଫିକେଟ୍ ପାଇଁ ଟଙ୍କା ଦେଇଥିଲେ, ସେମାନେ ଏବେ ଟଙ୍କା ଫେରତ ମିଳିବ କି ନାହିଁ ବୋଲି ସନ୍ଦେହରେ ଅଛନ୍ତି, ବିଶେଷକରି ଯେତେବେଳେ ଦୁଇଜଣ ଅଭିଯୁକ୍ତ ଏବେ କାରାଗାରରେ ଅଛନ୍ତି।

### ୟୁଏନ୍‌ରେ ଇରାନକୁ ହାତ ସମର୍ଥନର ବଢ଼ାଇଲା ରୁଷ

## ହର୍ମୁଜ ଦ୍ୱାରା ସାମୁଦ୍ରିକ ଯାତାୟାତକୁ ବନ୍ଦ କରିବାର ଅଧିକାର ଇରାନର ଅଛି :ପୁଟିନ

ମସ୍କୋ: ବିଶ୍ୱ ରାଜନୀତି କ୍ଷେତ୍ରରେ ରୁଷିଆକୁ ସବୁଠାରୁ ବଡ଼ ମିତ୍ର ଭାବରେ ବିବେଚନା କରାଯାଏ । କେବଳ ଏତିକି ନୁହେଁ ଯେତେବେଳେ ମିତ୍ର କଥା ଆସେ ସେତେବେଳେ ଶେଷ ପର୍ଯ୍ୟନ୍ତ ବନ୍ଧୁ ହୋଇ ରହିଥାଏ । ରୁଷିଆ ପୁଣି ଥରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ମଧ୍ୟରେ ଇରାନକୁ ସମର୍ଥନ କରିଛି । ଏପ୍ରିଲ ୨୭ ତାରିଖରେ ଅନୁଷ୍ଠିତ ଏକ ସୁରକ୍ଷା ପରିଷଦ ବୈଠକରେ, ଜାତିସଂଘରେ ରୁଷିଆର ରାଷ୍ଟ୍ରଦୂତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଦ୍ୱନ୍ଦ୍ୱ ମାନଦଣ୍ଡ – କିମ୍ବା କପଟତା ଗ୍ରହଣ କରିବାର ଅଭିଯୋଗ କରିଥିଲେ। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଇରାନର ହର୍ମୁଜ ପ୍ରଣାଳୀ ମଧ୍ୟରେ ସାମୁଦ୍ରିକ ଯାତାୟାତକୁ ପ୍ରତିବନ୍ଧିତ କରିବାର ସମସ୍ତ ଅଧିକାର ଅଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୋମବାର ଦିନ



ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନର ଉପ–ବୈଦେଶିକ ମନ୍ତ୍ରୀ ଆବାସ ଆରାକଚିଙ୍କୁ ଭେଟି ତାଙ୍କର ପୂର୍ଣ୍ଣ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ।

ଜାତିସଂଘରେ ରୁଷିଆର ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି, ''ସମ୍ପୂର୍ଣ୍ଣ ଦାୟିତ୍ୱ ଇରାନ ଉପରେ ନ୍ୟସ୍ତ କରିବାକୁ ଚେଷ୍ଟା କରାଯାଇଥିଲା । ଯେପରି ଇରାନ ଏହାର ପଡ଼ୋଶୀମାନଙ୍କୁ ଆକ୍ରମଣ କରିଛି ଏବଂ ଜାଣିଶୁଣି ହର୍ମୁଜ୍ ପ୍ରଣାଳୀରେ ଜାହାଜଗୁଡ଼ିକର ଗତିବିଧିକୁ ବାଧା ଦେଉଛି । ଯୁଦ୍ଧ ସମୟରେ, ଆକ୍ରମଣର ଶିକାର ହୋଇଥିବା ଏକ ଉପକୂଳବର୍ତ୍ତୀ ରାଷ୍ଟ୍ର ସୁରକ୍ଷା ପାଇଁ ଏହାର ସାମୁଦ୍ରିକ କ୍ଷେତ୍ର ମଧ୍ୟରେ ଗତିବିଧିକୁ ସୀମିତ କରିପାରେ ।''

ଏହା ଉଲ୍ଲେଖନୀୟ ଯେ ଏହି ମାସର ଆରମ୍ଭରେ, ରୁଷିଆ ଏବଂ ଚୀନ୍ ମଧ୍ୟ ହର୍ମୁଜ୍ ପ୍ରଣାଳୀରେ ଜାହାଜଗୁଡ଼ିକର ନୌଚାଳନା ସ୍ୱାଧୀନତା ସୁନିଶ୍ଚିତ କରିବା ପାଇଁ ଏକ ସୁରକ୍ଷା ପରିଷଦ ପ୍ରସ୍ତାବକୁ ଭିଟୋ କରିଥିଲେ । ସୋମବାର, ଭାସିଲି ନେବେଞ୍ଜିଆ ଆହୁରି ଆଗକୁ ଯାଇ ପଶ୍ଚିମ ଦେଶଗୁଡ଼ିକୁ ଜଳଦସ୍ୟୁଙ୍କ ସହିତ ତୁଳନା କରିଥିଲେ। ସେ ଭୂମଧ୍ୟସାଗରରେ ରୁଷିଆ–ସଂଯୁକ୍ତ ତୈଳ ଟ୍ୟାଙ୍କର ବିରୁଦ୍ଧରେ ୟୁକ୍ରେନ ଦ୍ୱାରା କରାଯାଇଥିବା ଆକ୍ରମଣ – ଦୀର୍ଘ ଦୂରଗାମୀ ବାୟୁ ଏବଂ ସାମୁଦ୍ରିକ ଡ୍ରୋନ ବ୍ୟବହାର କରି – ନିନ୍ଦା କରିଥିଲେ। ଏହା ବ୍ୟତୀତ, ସେ କଳା ସାଗରରେ ରୁଷିଆ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପାଇଁ ୟୁରୋପୀୟ ସମର୍ଥନକୁ ସମାଲୋଚନା କରିଥିଲେ।

ସେ ମନ୍ତବ୍ୟ ଦେଇଥିଲେ, ''ଜଳଦସ୍ୟୁମାନେ ସେମାନଙ୍କ ଜାହାଜରେ ଏକ କଳା ପତାକା ଉଡ଼ାନ୍ତି ଯାହା ଏକ କପାଳ ଏବଂ କ୍ରସ୍‌ବୋନ୍ ବହନ କରିଥାଏ । ଯେତେବେଳେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ବେଆଇନ କାର୍ଯ୍ୟକଳାପକୁ ଘୋଡାଇ ଦେବା ପାଇଁ ଏକପାଖିଆ ଜବରଦସ୍ତି ପଦକ୍ଷେପ ଉଡାନ୍ତି ।'' ସେ ଆହୁରି ମଧ୍ୟ କହିଛନ୍ତି, ''ଏହା କେବଳ ଏକ ବାହାନା, ଯାହାର ଉଦ୍ଦେଶ୍ୟ ହେଉଛି ଏହି ସତ୍ୟକୁ ଲୁଚାଇବା ଯେ ୟୁରୋପୀୟ ସଂଘ ଖୋଲାଖୋଲି ଭାବରେ ସମୁଦ୍ରରେ ଡକାୟତି କାର୍ଯ୍ୟରେ ଲିପ୍ତ ଅଛି।''

# ଆଧ୍ୟାତ୍ମିକ ଉପଲବ୍ଧି

ଶାରୀରିକ ପ୍ରତିକ୍ରିୟାକୁ ଆମେ ସହଜରେ ବୁଝିପାରୁ, ମାନସିକ ପ୍ରତିକ୍ରିୟାକୁ କିଛି ଚେଷ୍ଟା କଲେ ବୁଝିହେବ, ଆଉ ଆଧ୍ୟାତ୍ମିକ ପ୍ରତିକ୍ରିୟାକୁ କେବଳ ସାଧନା କଲେ ହିଁ ବୁଝିହେବ। ସେହିପରି, ପ୍ରତ୍ୟେକ ସ୍ଥାନର ନିଜସ୍ୱ ଏକ ବିଶେଷତା ରହିଛି, ଏବଂ ସେହି ବିଶେଷତା କେବଳ ଭୌତିକ ନୁହେଁମାନସିକ ଓ ଆଧ୍ୟାତ୍ମିକ ମଧ୍ୟ ଅଟେ। ଏମିତି ଅନେକ ଭୌତିକ ବସ୍ତୁ ଅଛି, ଯାହାଠାରୁ ଚାହିଁଲେ ଭୌତିକ ସହାୟତା ମିଳିପାରେ। କେହି ଯଦି ମାନସିକ ସହାୟତା ଚାହେଁ, ସେହିଥିରୁ ମଧ୍ୟ ପାଇପାରେ, ଏବଂ ଯଦି ଆଧ୍ୟାତ୍ମିକ ସହାୟତା ଚାହିଁବେ, ସେଥିରୁ ମଧ୍ୟ ପାଇପାରିବେ। ଧର, ଗୋଟିଏ ସ୍ଥାନ ଅଛିଅତ୍ୟନ୍ତ ସୁନ୍ଦର ପରିବେଶ, ସାଧନା ପାଇଁ ବହୁତ ଉପଯୁକ୍ତ। ସେଠାରେ ବସିଲେ ମନ ସହଜରେ ଏକାଗ୍ର ହୋଇଯାଏ। କିନ୍ତୁ କେହି ଯଦି ସେଠାକୁ କେବଳ ଦର୍ଶନ ପାଇଁ ଯାଏ, ତେବେ ସେ କହିବ''ବାଃ! ବହୁତ ସୁନ୍ଦର, ଅତ୍ୟନ୍ତ ସୁନ୍ଦର ସ୍ଥାନ, ସୁନ୍ଦର ସୁନ୍ଦର ଫଳ, ସମୁଦ୍ର ମଧ୍ୟ କେତେ ସୁନ୍ଦର।'' କିନ୍ତୁ ସେହି ସ୍ଥାନରୁ ସେ କୌଣସି ମାନସିକ କିମ୍ବା ଆଧ୍ୟାତ୍ମିକ ଉପଲବ୍ଧି ପାଇନାହିଁ।

ଆଜିକାଲି ଗୋଟିଏ ପ୍ରବୃତ୍ତି ହୋଇଛିଲୋକମାନେ ସାଧନାନୁକୂଳ ସ୍ଥାନକୁ ଟଙ୍କା ଖର୍ଚ୍ଚ କରି ଯାଉଛନ୍ତି ଏବଂ କହୁଛନ୍ତି''ମୁଁ ତ ପର୍ଯ୍ୟଟକ, ତୀର୍ଥଯାତ୍ରୀ ନୁହେଁ।'' ଅର୍ଥାତ ସେହି ସ୍ଥାନରୁ ସେମାନେ ମାନସିକ ଓ ଆଧ୍ୟାତ୍ମିକ ସହାୟତା ଗ୍ରହଣ କରିପାରୁନାହାନ୍ତି। ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ବସ୍ତୁଯେପରିକି ଧର ଗୋଟିଏ ଆତ୍ମମାନବ ଶରୀର, ମନ ଓ ଆତ୍ମା ଉପରେ ଏକ ବିଶେଷ ପ୍ରଭାବ ପକାଏ। ସେହିପରି ଜାମ୍ବୁ ମଧ୍ୟ ନିଜସ୍ୱ ଅଲଗା ପ୍ରଭାବ ରଖେ। ପ୍ରତ୍ୟେକ ବସ୍ତୁରେ ଏକ ବିଶେଷ ପ୍ରଭାବ ରହିଥାଏ।

**ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତି**

## 'ସାଧକ ମାନେହିଁ ସୈନିକ, ସୈନିକ ମାନେହିଁ ସାଧକ'

ତୁମ ପାଇଁ ଏହା ଦୁଃଖର ବିଷୟ ଯେ ତୁମେ ପରମପୁରୁଷଙ୍କୁ ଆଧ୍ୟାତ୍ମିକ ଶକ୍ତି ନିମନ୍ତେ ପ୍ରାର୍ଥନା କରୁନାହଁ । ତୁମେ ତୁମର ମନକୁ ସୁନାମ, ଖ୍ୟାତି, ଧନ, ପଦୋନ୍ନତି, ସମ୍ମାନ ଏବଂ ଏପରି ଅନ୍ୟାନ୍ୟ ପାର୍ଥିବ ବସ୍ତୁ ଲାଭ କରିବାରେ ନିୟୋଜିତ କରୁଛ। ତୁମେ ତୁମର ଜାଗତିକ ଆଶା-ଆକାଂକ୍ଷାରେ ଏତେ ବେଶି ବ୍ୟସ୍ତ ରହୁଛ ଯେ ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ଶକ୍ତି ପାଇଁ ପ୍ରାର୍ଥନା କରିବାର ସମୟ ମଧ୍ୟ ମିଳୁନାହିଁ।

ପ୍ରାଚୀନ କାଳରେ ଯେତେବେଳେ ମଣିଷଙ୍କ ମନରେ ଆଧ୍ୟାତ୍ମିକ ପଥରେ ଚାଲିବାର ଇଚ୍ଛା ଜାଗୃତ ହୋଇଥିଲା, ସେତେବେଳେ ସେମାନେ ଜଣେ ପଥପ୍ରଦର୍ଶକଙ୍କ ଆବଶ୍ୟକତାକୁ ଅନୁଭବ କରିଥିଲେ। ମଣିଷର ଏହି ଇଚ୍ଛା ବେଦରେ ବ୍ୟକ୍ତ ହୋଇଛି। ଯେତେବେଳେ ଏହି ପଥରେ ଚାଲିବାର ଆକାଂକ୍ଷା ଜାଗେ, ସେତେବେଳେ ସେ (ପରମସତ୍ତା) ପ୍ରାର୍ଥୀଙ୍କ ପାଖକୁ ପଥପ୍ରଦର୍ଶକ ଭାବେ ଆସିବାକୁ ବାଧ୍ୟ ହୁଅନ୍ତି। ସେ ପ୍ରାର୍ଥୀଙ୍କୁ ଅବହେଳା କରିପାରନ୍ତି ନାହିଁ।

ପଥକୁ ଖୋଜ, ତୁମେ ନିଶ୍ଚୟ ତାହାକୁ ପାଇବ। କିନ୍ତୁ କେବଳ ପଥ ମିଳିଲେ ହେବ ନାହିଁ ସେହି ପଥରେ ଚାଲିବା ମଧ୍ୟ ଦରକାର। ସେହି ପଥରେ ଚାଲିବାର ଶକ୍ତି ତୁମ ମଧ୍ୟରେ ଅଛିଏହା ସତ୍ୟ, କିନ୍ତୁ ଏଥିରେ ଗୋଟିଏ ବାଧା ଅଛି। ସେହି ବାଧା ହେଉଛି ପାପର ଭାର, ଯାହା ତୁମର ପୂର୍ବ କର୍ମର ଫଳରୂପେ ତୁମ ମୁଣ୍ଡ ଉପରେ ରହିଛି।

ସେହି ଭାରକୁ ହଟାଇଦିଅ, ହାଲକା ହୁଅ, ଏବଂ ଆଗକୁ ବଢ଼। ଗୌତମ ବୁଦ୍ଧ ମଧ୍ୟ ଏହି କଥା ହିଁ କହିଥିଲେ, ଯେତେବେଳେ ସେ ତାଙ୍କ ଶିଷ୍ୟମାନଙ୍କୁ ଜୀବନର ନୌକାରୁ ଏହି ଭାରକୁ ଜଳରେ ଫିଙ୍ଗିଦେବାକୁ କହିଥିଲେ।

ସେହିପରି କେବଳ ଇଚ୍ଛା ପର୍ଯ୍ୟାପ୍ତ ନୁହେଁ। ମଣିଷଙ୍କୁ କିଛି ନିର୍ଦ୍ଦିଷ୍ଟ କର୍ମ କରିବାକୁ ପଡ଼ିବ। ସେହି କର୍ମଟି ହେଉଛି ଆଧ୍ୟାତ୍ମିକ ସାଧନା। ଏହାକୁ ତନ୍ତ୍ର ବୋଲି ମଧ୍ୟ କୁହାଯାଏ।

**ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତି**

# ୟୁକ୍ରେନ ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ଛାୟା

ଇରାନ-ଆମେରିକା ଯୁଦ୍ଧ ଏବେ ଅଷ୍ଟମ ସପ୍ତାହରେ ପ୍ରବେଶ କରିବାକୁ ଯାଉଥିବାବେଳେ ଶାନ୍ତି ଆଲୋଚନା ସତ୍ତ୍ୱେ ଯୁଦ୍ଧ କେବେ ଥମିବ, ତାହା କହିବା ମୁସ୍କିଲ । ଶାନ୍ତି ଆଲୋଚନା ମଧ୍ୟରେ ଦୁଇ ଦେଶର ନେତୃବର୍ଗ ଯେଉଁଭଳି ବୟାନବାଜୀ କରୁଛନ୍ତି ଏବଂ ସେନା ଯେଉଁଭଳି ପଦକ୍ଷେପ ଗ୍ରହଣ କରୁଛି, ତାହା ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଆହୁରି ବିଗାଡିବାରେ ସହାୟକ ହେଉଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ଉଲ୍ଲେଖଯୋଗ୍ୟ ଯେ, ଇରାନ-ଆମେରିକା ଯୁଦ୍ଧ ଏବେ ବିଶ୍ୱରେ ଯେଉଁଭଳି ଆତଙ୍କର ବାତାବରଣ ଏବଂ ଗଣମାଧ୍ୟମର ଶିରୋନାମା ପାଲଟିଛି ସେଥିରେ ଦୀର୍ଘ ଚାରିବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ରୁଷ-ୟୁକ୍ରେନ ଯୁଦ୍ଧ ଏବେ ଗଣମାଧ୍ୟମର ଶିରୋନାମାରୁ ପଛକୁ ହଟିଯାଇଥିବା ମନେହୁଏ । କେବଳ ଏତିକି ନୁହେଁ, ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସିଧାସଳଖ ସୁବିଧାସୁଯୋଗ ପାଉଥିବା ଅଳ୍ପକେତେକ ରାଷ୍ଟ୍ରଙ୍କ ମଧ୍ୟରେ ରୁଷ ହେଉଛି ଅନ୍ୟତମ । ରୁଷରୁ ତୈଳ କିଣିବା ଉପରେ ଆମେରିକା ଜାରି କରିଥିବା କଟକଣାକୁ ୩୦ଦିନ ପାଇଁ କୋହଳ କରିଥିବାବେଳେ ଏବେ ଏହି ସମୟସୀମା ପୁଣି ଥରେ ବୃଦ୍ଧି କରିଛି । କେବଳ ଏତିକି ନୁହେଁ, ପୂର୍ବଠାରୁ ଅତ୍ୟଧିକ ଦରରେ ଅଶୋଧିତ ତେହଲ ବିକ୍ରି କରିବା ଏବଂ ସମୁଦ୍ର ପଥରେ ଜାହାଜ ଚଳାଚଳ କରିବାକୁ ମସ୍କୋକୁ ଅନୁମତି ଦେଇଛି । ରୁଷଠାରୁ ଧୀରେ ଧୀରେ ତୈଳ ଆମଦାନୀକୁ ହ୍ରାସ କରିଥିବା ଭାରତକୁ ମଧ୍ୟ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଛି କହିବା ବାହୁଲ୍ୟ ଯେ, ଆମେରିକା ଚାପରେ ଭାରତ ରୁଷ ଠାରୁ ଅଶୋଧିତ ତୈଳ ଆମଦାନୀକୁ ଧୀରେ ଧୀରେ ହ୍ରାସ କରିଥିଲା । ରୁଷ ଠାରୁ ତୈଳ କିଣିଥିବାରୁ ଭାରତ ଉପରେ ଆମେରିକା ୨୫ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଥିଲା । ଏବେ ଭାରତ ପୁଣି ଥରେ ରୁଷଠାରୁ ତୈଳ ଆମଦାନୀ କରୁଛି । ସେହିପରି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ସହାୟତା ଦେବା ଲାଗି ଆମେରିକାଠାରୁ ୟୁରୋପୀୟ ରାଷ୍ଟ୍ରଗୁଡିକ କିଣିଥିବା ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ହସ୍ତାନ୍ତର କରିବାରେ ମଧ୍ୟ ବିଳମ୍ବ ଘଟିପାରେ । କାରଣ ଇରାନ ଯୁଦ୍ଧରେ ସାହାଯ୍ୟ କରୁନଥିବାରୁ ନାଟୋ ସଦସ୍ୟ ୟୁରୋପୀୟ ରାଷ୍ଟ୍ରଗୁଡିକୁ ଆମେରିକା ଏବେ ଅସ୍ତ୍ରଶସ୍ତ୍ର ବିକ୍ରି ଉପରେ କଟକଣା ଜାରି କରିଥିବା କୁହାଯାଏ । କହିବା ବାହୁଲ୍ୟ ଯେ, ରୁଷ ସହ କଡା ମୁକାବିଲା କରି ଆସୁଥିବା ୟୁକ୍ରେନକୁ ଏବେ ଉଭୟ ଆର୍ଥୀକ ଓ ସାମରିକ ସହାୟତା ବନ୍ଦ କରଦେଇଛି । ସେହିପରି ଇରାନ ସଂକଟ ଏବେ ବିଶ୍ୱରେ ମୁଖ୍ୟ ଦୃଷ୍ଟି ଆକର୍ଷଣକାରୀ ହୋଇଥିବାବେଳେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମ୍ୟାର ଜେଲେନସ୍କି ରୁଷ ବିରୁଦ୍ଧରେ ସହଯୋଗୀମାନଙ୍କୁ ଏକଜୁଟ କରିବାରେ ଏକ ପ୍ରକାର ଅସହାୟ ହୋଇପଡିଛନ୍ତି । ଯାହା ତାଙ୍କର ଗୋଡ ବାନ୍ଧି ଦିଆଯାଇଥିବା ସଦୃଶ ହୋଇଛି । କହିବା ବାହୁଲ୍ୟ ଯେ, ଇରାନ ବିରୁଦ୍ଧରେ ଆମେରିକା ଯୁଦ୍ଧରେ ସାମିଲ ହେବାକୁ ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିବା ଏବଂ ସେମାନଙ୍କର ସାମରିକ ଘାଟିଗୁଡିକ ବ୍ୟବହାର କରିବା ପାଇଁ ଆମେରିକୀୟ ଯୁଦ୍ଧ ବିମାନ ଗୁଡିକୁ ଅନୁମତି ନଦେବା ଯୋଗୁଁ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ 'ନାଟୋ' ଉପରେ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଅପପ୍ରଚାର ଚଳାଇଛନ୍ତି । ଏପରିକି ନାଟୋକୁ କାଗଜ ବାଘ ବୋଲି କହିବାକୁ କୁଣ୍ଠାବୋଧ କରିନଥିବା ବେଳେ ଏହି ସଂଗଠନରୁ ଓହରିଯିବା ପାଇଁ ଧମକ ଦେଇଛନ୍ତି । ଅନ୍ୟପକ୍ଷରେ ଉପସାଗରୀୟ ରାଷ୍ଟ୍ର ସାଉଦୀ ଆରବ କତାର, ୟୁଏଇ ଏବଂ ବାହାରିନର ସୁରକ୍ଷା ପାଇଁ ଦୀର୍ଘ ବର୍ଷରୁ ଆମେରିକା ଗ୍ୟାରେଂଟର ପଡିଥିବା ସତ୍ତ୍ୱେ ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ କୌଣସି ପରାମର୍ଶ କରିନଥିଲା । ଏପରିକି ଉପସାଗରୀୟ ରାଷ୍ଟ୍ରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ପରିବର୍ତ୍ତେ ଆମେରିକା ଇସ୍ରାଏଲର ସ୍ୱାର୍ଥପ୍ରତି ସର୍ବାଧିକ ଗୁରୁତ୍ୱ ଦେଇଆସୁଛି । ଇରାନ ସେହି ଦେଶରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣ କରି ଆସୁଛି । ଯାହାଫଳରେ ଏହି ଉପସାଗରୀୟ ରାଷ୍ଟ୍ରଗୁଡିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ଚାରିବର୍ଷ ଧରି ଯୁଦ୍ଧରେ ବିଶ୍ୱର ସୌନ୍ଦର୍ଯ୍ୟମୟ ରାଷ୍ଟ୍ର ଭାବେ ପରିଚିତ ୟୁକ୍ରେନ ଏବେ ଶ୍ରୀହୀନ ହୋଇପଡିଛି ଯୁଦ୍ଧରେ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତାହତ ହୋଇଥିବାବେଳେ ୟୁକ୍ରେନକୁ ପୂର୍ବସ୍ଥିତି ପାଇବାକୁ ୧୦୦ବର୍ଷରୁ ଅଧିକ ଲାଗିପାରେ । ଧ୍ୱଂସ ସ୍ତୁପ ଉପରେ ଥିବା ୟୁରୋପ ଏବେ ଇରାନ ଯୁଦ୍ଧ ଯୋଗୁଁ ସହାୟତାରୁ ବଂଚିତ ହୋଇ ଆହୁରି ଧ୍ୱଂସର ସମ୍ମୁଖୀନ ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ ।

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା),**
**ଶିଶୁପାଳଗଡ,-୭୫୧୦୦୨**

# ଦୁଇଦିନିଆ ବାରାଣସୀ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ମୋଦୀ



ବାରାଣସୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ତାଙ୍କ ସଂସଦୀୟ କ୍ଷେତ୍ର ବାରାଣସୀକୁ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି, ଯେଉଁଠାରେ ବିକାଶମୂଳକ ପ୍ରକଳ୍ପର ଏକ ପ୍ରମୁଖ ଉପହାର ସହିତ ମହିଳା ସଶକ୍ତୀକରଣର ଏକ ଅନନ୍ୟ ବାର୍ତ୍ତା ମଧ୍ୟ ଦେଖିବାକୁ ମିଳିବ। ପ୍ରାୟ ୨୦ ଘଣ୍ଟାର ଏହି ରହଣି ସମୟରେ ପ୍ରଧାନମନ୍ତ୍ରୀ କାଶୀବାସୀଙ୍କୁ ୬,୩୩୨ କୋଟି ଟଙ୍କାର ୧୬୩ଟି ବିକାଶମୂଳକ ପ୍ରକଳ୍ପ ଉପହାର ଦେବେ। ବାରକା ଗ୍ରାଉଣ୍ଡରେ ଆୟୋଜିତ ଜନାରୋଶ ମହିଳା ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ମୋଦୀ ସମ୍ବୋଧିତ କରିବେ।

# ଚୀନ୍ ଓ ଆମେରିକା ନୂତନ ଯୁଦ୍ଧ କ୍ଷେତ୍ର ଭାବେ ଅନ୍ତରିକ୍ଷରେ ସମ୍ଭାବ୍ୟ ମୁକାବିଲା କରିପାରନ୍ତି

## ଚୀନ ସଂଘର୍ଷ ଦୃଷ୍ଟିକୋଣ ଏକ ମୂଳ ଧାରଣା ଉପରେ ଆଧାରିତ



ନୂଆଦିଲ୍ଲୀ: ଯେଉଁଠାରେ ଅନ୍ତରିକ୍ଷକୁ ନିୟନ୍ତ୍ରଣ କରାଯାଏ, ସେଠାରୁ ପୃଥିବୀର ଘଟଣାବଳୀକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରେ।

ପୃଥିବୀରୁ ହଜାର ହଜାର କିଲୋମିଟର ଉପରେ ଘୁରୁଥିବା ସ୍ୟାଟେଲାଇଟ୍‌ମାନଙ୍କର ଗତିବିଧି ଏବେ କେବଳ ବୈଜ୍ଞାନିକ କାର୍ଯ୍ୟ ନୁହେଁ, ବରଂ ସମ୍ଭାବ୍ୟ ସଂଘର୍ଷ ପାଇଁ ପ୍ରସ୍ତୁତି ଭଳି ଲାଗୁଛି। ଗତ କିଛି ବର୍ଷରେ ଚୀନ୍ ଶାନ୍ତ ଭାବରେ ଏମିତି ପ୍ରଯୁକ୍ତି, ରଣନୀତି ଓ ଚିନ୍ତାଧାରା ଉନ୍ନତ କରୁଛି, ଯାହା ଦ୍ୱାରା ସେ ଅନ୍ତରିକ୍ଷରେ ଆମେରିକା ସହିତ ପ୍ରତିସ୍ପର୍ଧା କରିବା ସହିତ ସେକୁ ଅତିକ୍ରମ କରିପାରେ। ଦୁଇଟି ଦେଶ ଏମିତି ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତି ନେଉଛନ୍ତି, ଯେଉଁଠାରେ ଅନ୍ତରିକ୍ଷ ଏକ ଯୁଦ୍ଧ କ୍ଷେତ୍ର ହୋଇପାରେ। ଚୀନ୍ ଓ ଆମେରିକାର ସାମରିକ ଚିନ୍ତକମାନେ କହିଛନ୍ତି ଯେ ଅନ୍ତରିକ୍ଷ ଏବେ କେବଳ ସଂଯୋଗ, ନାଭିଗେସନ୍ ଓ ପାଣିପାଗ ପୂର୍ବାନୁମାନ ପାଇଁ ସହାୟକ ବ୍ୟବସ୍ଥା ନୁହେଁ, ବରଂ ଏହା ଏକ ନୂତନ ଯୁଦ୍ଧ କ୍ଷେତ୍ର ହୋଇଯାଇଛି।

ଫାଇନାନ୍ସିଆଲ୍ ଟାଇମ୍ସ ଅନୁସାରେ, ଚୀନ୍ର ସାମରିକ ରଣନୀତିର ମୂଳ ଧାରଣା ହେଉଛି ଯଦି ଅନ୍ତରିକ୍ଷକୁ ନିୟନ୍ତ୍ରଣ କରାଯାଏ, ତେବେ ପୃଥିବୀର ଯୁଦ୍ଧକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଚୀନ୍ର ସାମରିକ ପୁସ୍ତକ ଓ ପୀପଲ୍ସ ଲିବରେସନ୍ ଆର୍ମୀ ସହିତ ସଂପୃକ୍ତ ଗବେଷଣା ପତ୍ରଗୁଡିକରେ ଏହାକୁ ''ଆଧୁନିକ ଯୁଦ୍ଧର କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ'' ବୋଲି କୁହାଯାଇଛି।

ଯଦି କୌଣସି ଶତ୍ରୁ ଦେଶର ସ୍ୟାଟେଲାଇଟ୍‌ଗୁଡିକୁ ଧ୍ୱଂସ କରାଯାଏ, ତେବେ ସେମାନଙ୍କର ସଂଯୋଗ, ନିରୀକ୍ଷଣ, ନାଭିଗେସନ୍ ଓ ଅର୍ଥନୈତିକ ପ୍ରଣାଳୀ ପର୍ଯ୍ୟନ୍ତ ଧ୍ୱଂସ ହୋଇପାରେ। ଏହି କାରଣରୁ ଚୀନ୍ ସିଧାସଳଖ ଧ୍ୱଂସ କରିବା ପରିବର୍ତ୍ତେ ଶତ୍ରୁଙ୍କର ସ୍ୟାଟେଲାଇଟ୍‌ଗୁଡିକୁ ନିଷ୍କ୍ରିୟ କିମ୍ବା ନିୟନ୍ତ୍ରଣ କରିବା ଉପାୟ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ରୋବୋଟିକ୍ ଆର୍ମ୍ ଦ୍ୱାରା ସ୍ୟାଟେଲାଇଟ୍‌କୁ ଧରିବା, ସେଗୁଡିକୁ ''ଗ୍ରେଭ୍ୟାର୍ଡ ଅର୍ବିଟ୍'' କୁ ନେଇଯିବା, ଓ ସିଗ୍ନାଲ୍‌କୁ ଜ୍ୟାମ୍ କିମ୍ବା ହ୍ୟାକ୍ କରିବା ଭଳି ପ୍ରଯୁକ୍ତି ଶାମିଲ। ଏହି ପଦ୍ଧତିଗୁଡିକ ଏମିତି ଭାବରେ ତିଆରି, ଯାହା ଦ୍ୱାରା ଶତ୍ରୁକୁ ''ଅଚଳ'' କରାଯାଇପାରିବ, କିନ୍ତୁ ସମ୍ପୂର୍ଣ୍ଣ ଯୁଦ୍ଧ ଆରମ୍ଭ ହେବ ନାହିଁ। ଗତ କିଛି ବର୍ଷରେ ଚୀନ୍ ତାଙ୍କର କ୍ଷମତାର କିଛି ଉଦାହରଣ ଦେଖାଇଛି। ୨୦୨୨ ଜାନୁଆରୀରେ ''ଶିଜିଆନ୍-୨୧'' ନାମକ ଏକ ସ୍ୟାଟେଲାଇଟ୍ ଦ୍ୱାରା ଅନ୍ତରିକ୍ଷ ଅବଶିଷ୍ଟ ହଟାଇବା ପାଇଁ ପରୀକ୍ଷା କରାଯାଇଥିଲା। ଏହା ସଫଳତାର ସହିତ ଏକ ବନ୍ଦ ହୋଇଥିବା ବେଇଡୋଉ ନାଭିଗେସନ୍ ସ୍ୟାଟେଲାଇଟ୍‌କୁ ଗ୍ରେଭ୍ୟାର୍ଡ ଅର୍ବିଟ୍‌କୁ ନେଇଥିଲା। ଅନ୍ୟ ଘଟଣାରେ ମଧ୍ୟ ଚୀନ୍ର ସ୍ୟାଟେଲାଇଟ୍‌ଗୁଡିକ ନିକଟ ଦୂରତାରେ ଚଳନ କରିଥିଲେ, ଯାହାକୁ ଆମେରିକା ''ଅନ୍ତରିକ୍ଷରେ ଡଗଫାଇଟିଂ'' ବୋଲି କହିଛି। ଏହାରୁ ପ୍ରମାଣ ମିଳିଛି ଯେ ଚୀନ୍ ''ପ୍ରକ୍ସିମିଟି ଅପରେସନ୍'' ରେ ପାରଙ୍ଗତ ହେଉଛି, ଯାହାକୁ ମରାମତି ଓ ଆକ୍ରମଣ ଉଭୟ ପାଇଁ ବ୍ୟବହାର କରାଯାଇପାରେ।

ଚୀନ୍ ଅନ୍ୟ ଏକ କ୍ଷେତ୍ରରେ ମଧ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ୁଛି ସେହିଟା ହେଉଛି ନିରୀକ୍ଷଣ। ସେମାନେ ଏମିତି ସ୍ୟାଟେଲାଇଟ୍ ତିଆରି କରିଛନ୍ତି, ଯାହା ପୃଥିବୀକୁ ନିରନ୍ତର ନଜର ରଖିପାରେ ଓ ସାମରିକ ଗତିବିଧିକୁ ଟ୍ରାକ୍ କରିପାରେ। ସେଥିପାଇଁ ସେମାନେ ଆଗାମୀ କିଛି ବର୍ଷରେ ହଜାର ହଜାର ସ୍ୟାଟେଲାଇଟ୍ ଲୋ ଅର୍ଥ ଅର୍ବିଟ୍‌ରେ ପ୍ରତିଷ୍ଠାପିତ କରିବାକୁ ଯୋଜନା କରୁଛନ୍ତି। ଅନ୍ୟ ପଟେ ଆମେରିକା ମଧ୍ୟ ପଛକୁ ହଟୁନାହିଁ। ସେମାନେ ଅନ୍ତରିକ୍ଷ ସୁରକ୍ଷାରେ ବହୁତ ବିନିଯୋଗ ବଢ଼ାଇଛନ୍ତି। ସେମାନଙ୍କର ସ୍ପେସ୍ ଫୋର୍ସ ଏବେ ଅନ୍ତରିକ୍ଷକୁ ଏକ ସକ୍ରିୟ ସାମରିକ କ୍ଷେତ୍ର ଭାବେ ଦେଖୁଛି ଓ ନିଜସ୍ୱ ପ୍ରତିରୋଧୀ ପ୍ରଯୁକ୍ତି ବିକାଶ କରୁଛି।

# ମୁଖ୍ୟମନ୍ତ୍ରୀ ପଦବୀରେ କେଉଁ ସାମାଜିକ ବର୍ଗଙ୍କର ପ୍ରାଧାନ୍ୟ

## ପ୍ରତ୍ୟେକ ରାଜ୍ୟର ଭିନ୍ନ ଭିନ୍ନ ସାମାଜିକ ସମୀକରଣ

ଭାରତୀୟ ଗଣତନ୍ତ୍ରରେ କିଏ କ୍ଷମତାରେ ଅଛି ଏବଂ କିଏ କେଉଁ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରେ ଏହି ପ୍ରଶ୍ନ ସର୍ବଦା ବିତର୍କର ବିଷୟ ହୋଇଆସିଛି। ସାମ୍ପ୍ରତିକ ତଥ୍ୟ ଏହି ଆଲୋଚନାକୁ ଏକ ନୂତନ ଦିଗ ଦେଇଛି। ଏହି ତଥ୍ୟ ସ୍ପଷ୍ଟ କରିଛି ଯେ, ଭାରତର ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ କେଉଁ ସାମାଜିକ ବର୍ଗ କ୍ଷମତାରେ ଅଛନ୍ତି। ପର୍ସନ-ଡେଜ୍ ଉପରେ ଆଧାରିତ ଏହି ବିଶ୍ଲେଷଣ ଦର୍ଶାଏ ଯେ ଦଶନ୍ଧି ଧରି ରାଜନୈତିକ ପରମ୍ପରା କେତେ ଜଟିଳ ଏବଂ ବିବିଧ ରହିଛି।

ଭାରତୀୟ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳର ବଣ୍ଟନ ଭିନ୍ନ ଭିନ୍ନ ସାମାଜିକ ବର୍ଗଙ୍କ ଦ୍ୱାରା ବିଭକ୍ତ ହୋଇଛି। କିଛି ରାଜ୍ୟ ସାଧାରଣ ବର୍ଗ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ହୋଇଥିବାବେଳେ ମଧ୍ୟ, ଦକ୍ଷିଣ ଏବଂ ପୂର୍ବ ଭାରତର ଅନେକ ରାଜ୍ୟରେ ଓବିସି ଏବଂ ଏସ୍‌ଟି ବର୍ଗ କ୍ଷମତା କେନ୍ଦ୍ରରେ ରହିଛନ୍ତି। ଉତ୍ତର ପ୍ରଦେଶ, ବିହାରରୁ ତାମିଲନାଡୁ, କର୍ଣ୍ଣାଟକ ପର୍ଯ୍ୟନ୍ତ ଭାରତୀୟ ରାଜନୀତିରେ ଜାତିଗତ ଗତିଶୀଳତା ଯୋଗୁ ମୁଖ୍ୟମନ୍ତ୍ରୀ ପଦବୀ ଉପରେ ପ୍ରାଧାନ୍ୟ ରହୁଥିବା ଦେଖିବାକୁ ମିଳୁଛି।

ଏହି ତଥ୍ୟ ତାଲିକାରେ ସବୁଠାରୁ ଆକର୍ଷଣୀୟ ଚିତ୍ର ହେଉଛି ସେହି ରାଜ୍ୟଗୁଡ଼ିକର ଯେଉଁଠାରେ କ୍ଷମତାରେ ସାଧାରଣ ବର୍ଗଙ୍କର ଅଧିକ ପ୍ରତିନିଧିତ୍ୱ ରହିଛି। ପଶ୍ଚିମବଙ୍ଗ ତାଲିକାର ଶୀର୍ଷରେ ଅଛି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳର ୯୯.୭ ପ୍ରତିଶତ ସାଧାରଣ ବର୍ଗର ନେତାମାନଙ୍କ ଦଖଲରେ ରହିଛି। ଏହା ପଛକୁ ଆନ୍ଧ୍ର ପ୍ରଦେଶ ୯୭%, ହରିୟାଣା ୯୫.୪%, ଓଡ଼ିଶା ୯୨% ଏବଂ ପଞ୍ଜାବ ୯୧.୫% ରହିଛି। ଏହି ରାଜ୍ୟଗୁଡ଼ିକରେ, ସାଧାରଣ ବର୍ଗର ମୁଖ୍ୟମନ୍ତ୍ରୀମାନେ ଅଧିକାଂଶ ଦଶନ୍ଧି ଧରି କ୍ଷମତାରେ ଅଛନ୍ତି। ଏହା ସୂଚିତ କରେ ଯେ ଏହି ରାଜ୍ୟଗୁଡ଼ିକରେ ରାଜନୈତିକ ନେତୃତ୍ୱର ଶୀର୍ଷରେ ସାମାଜିକ ଗତିଶୀଳତା ଅନ୍ୟ ଅଞ୍ଚଳଗୁଡ଼ିକ ପରି ହୋଇନାହିଁ।

**ରାଜସ୍ଥାନ ଏବଂ ମହାରାଷ୍ଟ୍ରର ରାଜନୈତିକ ସମୀକରଣ**

ରାଜସ୍ଥାନ ଏବଂ ମହାରାଷ୍ଟ୍ର ଭଳି ବଡ଼ ରାଜ୍ୟରେ କ୍ଷମତା ବଣ୍ଟନ ଟିକିଏ ଅଧିକ ବିବିଧ ରହିଛି। ରାଜସ୍ଥାନରେ, ସାଧାରଣ ବର୍ଗ ୭୪.୯ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ପ୍ରତିନିଧିତ୍ୱ ୨୦.୭ ପ୍ରତିଶତରେ ପହଞ୍ଚିଛି। ସେହିପରି, ମହାରାଷ୍ଟ୍ରରେ, ସାଧାରଣ ବର୍ଗ ୭୩.୬ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ୨୧.୨ ପ୍ରତିଶତ ରହିଛି। ଏହି ତଥ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ଓବିସି ବର୍ଗ ଧୀରେ ଧୀରେ ଏହି ରାଜ୍ୟଗୁଡ଼ିକର ରାଜନୀତିରେ ସେମାନଙ୍କର ସ୍ଥିତିକୁ ମଜବୁତ କରୁଛନ୍ତି, ଯଦିଓ ସାଧାରଣ ବର୍ଗ ଏବେ ବି ନେତୃତ୍ୱର ସିଂହଭାଗ ବହନ କରୁଛନ୍ତି।

**ମଧ୍ୟପ୍ରଦେଶ ଏବଂ ଗୁଜରାଟର ସାମାଜିକ ପରିସ୍ଥିତି**

ମଧ୍ୟପ୍ରଦେଶ ଏବଂ ଗୁଜରାଟରେ, ଅନ୍ୟ ରାଜ୍ୟ ତୁଳନାରେ ଓବିସିଙ୍କ ରାଜନୈତିକ ଅଂଶଗ୍ରହଣ ଅଧିକ ସ୍ପଷ୍ଟ। ମଧ୍ୟପ୍ରଦେଶରେ, ସାଧାରଣ ବର୍ଗ ୬୯ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ଓବିସି ବର୍ଗ ୩୧ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି। ଗୁଜରାଟରେ, ସାଧାରଣ ବର୍ଗ ୬୩.୮ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ୨୯.୧ ପ୍ରତିଶତ ରହିଛି। ଏହି ରାଜ୍ୟଗୁଡ଼ିକର ରାଜନୈତିକ ବିଶ୍ଲେଷଣରୁ ଜଣାପଡ଼େ ଯେ, ସାମାଜିକ ବର୍ଗର ଯୋଗଦାନରେ ପରିବର୍ତ୍ତନ ଯୋଗୁ ଭାରତୀୟ ରାଜନୀତିରେ ନୂତନ ଅଧ୍ୟାୟ ଲେଖାଯାଉଛି।

**ଉତ୍ତର ପ୍ରଦେଶ ଏବଂ ଛତିଶଗଡ଼ର ନୂତନ ସାମାଜିକ ଗଠନ**

ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତର ପ୍ରଦେଶରେ, କ୍ଷମତା ଗତିଶୀଳତା ସାମାଜିକ ବିବିଧତାକୁ ପ୍ରତିଫଳିତ କରିଥାଏ। ସାଧାରଣ ବର୍ଗ ୬୩.୧ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ଓବିସି ବର୍ଗ ୨୬.୮ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି। ଏହା ବ୍ୟତୀତ, ଏସ୍‌ସି ବର୍ଗ ୧୦.୨ ପ୍ରତିଶତ ପ୍ରତିନିଧିତ୍ୱ କରିଥାନ୍ତି। ଯାହା ରାଜ୍ୟର ଜଟିଳ ସାମାଜିକ ଗତିଶୀଳତାକୁ ପ୍ରତିଫଳିତ କରିଥାଏ। ଛତିଶଗଡ଼ରେ, ସାଧାରଣ ବର୍ଗ ୫୯%, ଓବିସି ୧୯.୬% ଏବଂ ଏସ୍‌ଟି ୨୧.୪% ରହିଛନ୍ତି, ଯାହା ରାଜନୀତିରେ ଏକ ନୂତନ ସନ୍ତୁଳନକୁ ସୂଚାଇଥାଏ।

## ଗ୍ରୀଷ୍ମ ପ୍ରବାହକୁ ନେଇ ଦିନ ୧୧ଟାରୁ ୩ଟା ଘରୁ ନ ବାହାରିବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର: ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । କିଭଳି ଏହି ସମୟରେ ଏହାକୁ ସାମ୍ନା କରାଯିବ ସେ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି ସରିଛି । ମନ୍ତ୍ରୀ କହିଛନ୍ତି ଯେ ପ୍ରକୃତି ଅସ୍ୱାଭାବିକ ପ୍ରଭାବ ଦେଖାଉଛି। ସାରା ପୃଥିବୀରେ ଜଳବାୟୁ ପରିବର୍ତ୍ତନ ହେଉଛି । ଗ୍ରୀଷ୍ମ ପ୍ରବାହକୁ ନେଇ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସରକାରଙ୍କ ତରଫରୁ ଅନେକ ସମୟରେ ବାରମ୍ବାର ଆଲୋଚନା ଜାରି ରହିଛି ।


ସେ ଆହୁରି କହିଛନ୍ତି, ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି । ମାଲ ପରିବହନ ଗାଡ଼ି ଏବଂ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ୧୧ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତାକୁ ଆସିବ ନାହିଁ । ଶ୍ରମିକମାନଙ୍କୁ ମଧ୍ୟ ଏହି ସମୟରେ କାମ ନ କରିବାକୁ ପରାମର୍ଶ ଦିଆଯାଇଛି ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗକୁ ଜଳଛତ୍ର କରିବା ପାଇଁ କୁହାଯାଇଛି । ପିଏଚ୍‌ସି ଏବଂ ସିଏଚ୍‌ସିରେ ଅଂଶୁଘାତ ଜନିତ ସ୍ପେଶାଲ ଟ୍ରିଟମେଣ୍ଟ ପାଇଁ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାର ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଆଲୋଚନା କରୁଛନ୍ତି ଯେ ହିଟ୍ ୱେଭ୍ ରିଲିଫ୍ ସେଣ୍ଟର ତିଆରି ହେବ। ଗ୍ରୀଷ୍ମ ପ୍ରବାହରୁ କିପରି ଲୋକମାନେ ମୁକ୍ତି ପାଇପାରିବେ, ସେଥିପାଇଁ ଏହା ସ୍ଥାପନ କରିବାକୁ ଆଲୋଚନା ଚାଲିଛି।

# ଜମିପଟ୍ଟାର ସମୟୋପଯୋଗୀ ସଂଶୋଧନ ନିର୍ଦ୍ଦେଶ

ଭୁବନେଶ୍ୱର: ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଧିଗ୍ରହୀତ ଜମି ମାମଲାରେ ଭୂମି ରାଜସ୍ୱ ମାଫ୍ (ଏବେଟ୍ ମେଣ୍ଟ) ଏବଂ ଜମିପଟ୍ଟା ବା ରେକର୍ଡ ଅଫ ରାଇଟସ୍ ସଂଶୋଧନକୁ ତ୍ୱରିତ ଓ ସମୟୋପଯୋଗୀ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖି ଉଚିତ୍ ସମୟରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ସମ୍ବନ୍ଧରେ ଉଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଅଧିଗ୍ରହଣ ସମ୍ବନ୍ଧୀୟ ସଂଶୋଧନ ସୁନିଶ୍ଚିତ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅନେକ ମାମଲାରେ ଭୂମି ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟ ବକେୟା ରହିଛି ଯାହା ଫଳରେ ଜମି ସମ୍ବନ୍ଧୀୟ ରେକର୍ଡ୍ ନିୟମିତ ଭାବେ ସଂଶୋଧନ ହେବାରେ ବ୍ୟାଘାତ ସୃଷ୍ଟି ହେଉଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବକେୟା ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାଭିତରେ ସମାଧାନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳମାନେ ମାସିକ ଭିତିରେ ଲକ୍ଷ୍ୟ ଧାର୍ଯ୍ୟ କରି ତହସିଲଦାରମାନଙ୍କ ମାଧ୍ୟମରେ ଆବଶ୍ୟକୀୟ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବେ । ଉପଜିଲ୍ଲାପାଳଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯିବା ସହ ରେଭେନ୍ୟୁ ଡିଭିଜନାଲ କମିଶନରମାନେ (ଆରଡିସି) ପ୍ରତି ଦୁଇ ମାସରେ ଏହାର ସମୀକ୍ଷା କରିବେ ଏବଂ ରାଜସ୍ୱ ପର୍ଷଦ (ବୋର୍ଡ୍ ଅଫ ରେଭେନ୍ୟୁ) ପ୍ରତି ତିନି ମାସରେ ସମୀକ୍ଷା କରି ବିଭାଗକୁ ସଂକଳିତ ରିପୋର୍ଟ ପ୍ରଦାନ କରିବେ। ତେବେ ରାଜସ୍ୱ ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ସଂଶୋଧିତ ରିପୋର୍ଟ୍ ସଠିକ୍ ସମୟରେ ହସ୍ତଗତ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ସଂଶୋଧିତ ରେକର୍ଡ ନଥିବା ଯୋଗୁଁ ଅନଧିକୃତ କିମ୍ବା ବିବାଦୀୟ ଜମି ପୁନର୍ବାର କିଣାବିକା ରୋକିବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ।

# ଆମେରିକୀୟ ନିର୍ବାଚନରେ ହୋଇଛି ଚୋରି ଏବଂ ଜାଲିଆତି

## ଟ୍ରମ୍ପ ଚାହୁଁଛନ୍ତି ନିର୍ବାଚନ ପ୍ରକ୍ରିୟାରେ ପରିବର୍ତ୍ତନ




ନୂଆଦିଲ୍ଲୀ: ଆମେରିକା ନିର୍ବାଚନରେ ଜାଲିଆତି, ଚୋରି ହୋଇଛି ଏବଂ ସାରା ବିଶ୍ୱରେ ଏହା ଏକ ତାମସା ପାଲଟିଛି । ତାଙ୍କ ବୟାନ ପରେ, ଆମେରିକାରେ ନିର୍ବାଚନ ସଂସ୍କାର ଉପରେ ବିତର୍କ ପୁଣି ଥରେ ତୀବ୍ର ହୋଇଛି। ପୂର୍ବରୁ ଜୋ ବାଇଡେନଙ୍କ ବିଜୟ ପରେ ଟ୍ରମ୍ପ ଆମେରିକା ନିର୍ବାଚନ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ନିଜ ଦେଶର ନିର୍ବାଚନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଆମେରିକା ନିର୍ବାଚନରେ ଜାଲିଆତି, ଚୋରି ହୋଇଛି ଏବଂ ସାରା ବିଶ୍ୱରେ ଏହା ଏକ ତାମସା ପାଲଟିଛି । ତାଙ୍କ ବୟାନ ପରେ, ଆମେରିକାରେ ନିର୍ବାଚନ ସଂସ୍କାର ଉପରେ ବିତର୍କ ପୁଣି ଥରେ ତୀବ୍ର ହୋଇଛି। ପୂର୍ବରୁ ଜୋ ବାଇଡେନଙ୍କ ବିଜୟ ପରେ ଟ୍ରମ୍ପ ଆମେରିକା ନିର୍ବାଚନ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇଥିଲେ। ଏବେ ସେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ନିର୍ବାଚନ ପ୍ରସଙ୍ଗ ଉଠାଇଛନ୍ତି । ଡୋନାଲ୍ଡ ଟ୍ରମ୍ପ 'ସେଭ୍ ଆମେରିକା ଆକ୍ଟ' ନାମକ ଏକ ପ୍ରମୁଖ ନିର୍ବାଚନ ସଂସ୍କାର ଆଇନ ପ୍ରଣୟନ କରିବାକୁ ରିପବ୍ଲିକାନ ନେତାମାନଙ୍କୁ ନିବେଦନ କରିଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଯଦି ନିର୍ବାଚନ ବ୍ୟବସ୍ଥା ସ୍ଥିର ନହୁଏ, ତେବେ ଦେଶର ଭବିଷ୍ୟତ ବିପଦରେ ପଡ଼ିପାରେ। ସେ ଏହି ପ୍ରସ୍ତାବ ମଧ୍ୟରେ ତିନୋଟି ପ୍ରମୁଖ ପରିବର୍ତ୍ତନର ରୂପରେଖା ଦେଇଛନ୍ତି ।

ପ୍ରଥମ ହେଉଛି ପ୍ରତ୍ୟେକ ଭୋଟରଙ୍କ ପାଇଁ ସେମାନଙ୍କର ପରିଚୟପତ୍ର ଅର୍ଥାତ୍ ଭୋଟର ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ କରାଯିବା ଉଚିତ । ଦ୍ୱିତୀୟରେ ଭୋଟ ଦେବା ପୂର୍ବରୁ ନାଗରିକତାର ପ୍ରମାଣ ଦେବା ବାଧ୍ୟତାମୂଳକ ହେବା ଉଚିତ । ତୃତୀୟରେ ଅସୁସ୍ଥତା, ଅକ୍ଷମତା, ସାମରିକ ସେବା କିମ୍ବା ଯାତ୍ରା ଭଳି ବିଶେଷ ପରିସ୍ଥିତି ବ୍ୟତୀତ, ମେଲ୍-ଇନ୍ ବାଲଟଗୁଡ଼ିକୁ ପ୍ରାୟତଃ ବାଦ୍ ଦିଆଯିବା ଉଚିତ । ପୂର୍ବରୁ, ମାର୍ଚ୍ଚ ୩୧ ତାରିଖରେ ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ ଯେଉଁଥିରେ ପ୍ରତ୍ୟେକ ରାଜ୍ୟକୁ ଯୋଗ୍ୟ ଭୋଟରଙ୍କ ତାଲିକା ପ୍ରସ୍ତୁତ କରିବାକୁ ଏବଂ କେବଳ ଯାଞ୍ଚ୍ ହୋଇଥିବା ଭୋଟରମାନଙ୍କୁ ମେଲ୍-ଇନ୍ ବାଲଟ୍ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଟ୍ରମ୍ପ ଏହାକୁ ସମ୍ପୂର୍ଣ୍ଣ ଆଇନଗତ ଏବଂ ସୁରକ୍ଷିତ ବୋଲି ବର୍ଣ୍ଣନା କରିଥିଲେ। ତେବେ ନିର୍ବାଚନ ବିଶେଷଜ୍ଞ ଏବଂ ବିରୋଧୀ ଦଳଗୁଡ଼ିକ ଏହି ଆଦେଶକୁ ଦୃଢ଼ ବିରୋଧ କରିଛନ୍ତି, ଏହା ସମ୍ବିଧାନର ଉଲ୍ଲଂଘନ କରୁଛି ବୋଲି ଯୁକ୍ତି ଦେଇଛନ୍ତି । ଭୋଟ ଅଧିକାର ସମର୍ଥକ ଏବଂ ଡେମୋକ୍ରାଟିକ୍ ନେତାମାନେ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ପ୍ରାୟ ଗୋଟିଏ ବର୍ଷ ପୂର୍ବେ ଜାରି ହୋଇଥିବା ଏକ ନିର୍ବାଚନ-ସମ୍ବନ୍ଧୀୟ ଆଦେଶ ଉପରେ ଫେଡେରାଲ୍ କୋର୍ଟ ରୋକ ଲଗାଇଥିଲେ । କୋର୍ଟ କହିଥିଲେ, ରାଷ୍ଟ୍ରପତିଙ୍କ ପାଖରେ ସିଧାସଳଖ ନିର୍ବାଚନ ନୀତି ନିର୍ଣ୍ଣୟ କରିବାର ସାମ୍ବିଧାନିକ କ୍ଷମତା ନାହିଁ । ଟ୍ରମ୍ପ ଦୀର୍ଘ ଦିନ ଧରି ମେଲ୍-ଇନ୍ ବାଲଟ୍ ମାଧ୍ୟମରେ ଜାଲିଆତି ହେଉଥିବା ଏବଂ ଅଣ-ନାଗରିକଙ୍କ ଦ୍ୱାରା ଭୋଟ୍ ଦିଆଯାଉଥିବା ଅଭିଯୋଗ କରିଆସୁଛନ୍ତି । ବିଶେଷଜ୍ଞମାନଙ୍କ ମଧ୍ୟରେ ଏହି ଦାବି ନେଇ ମତଭେଦ ରହିଛି। ଠୋସ୍ ପ୍ରମାଣର ଅସ୍ତିତ୍ୱ ଉପରେ ବିତର୍କ ଜାରି ରହିଛି । ସେଭ୍ ଆମେରିକା ଆଇନ ବର୍ତ୍ତମାନ ଆମେରିକା କଂଗ୍ରେସରେ ଅଟକି ରହିଛି । ଡେମୋକ୍ରାଟିକ୍ ପାର୍ଟି ଏହାକୁ ବିରୋଧ କରୁଛି, ଏବଂ ଏହାକୁ ସେନେଟ୍‌ରେ ବିତର୍କ ବିନା ପାସ୍ କରାଯାଇପାରିବ ନାହିଁ ।

# ‘ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାତା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱପ୍ନ ଅପୂରଣୀୟ ହୋଇ ରହିଛି’

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ମୃତି ପରିଷଦ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ତମ ଜୟନ୍ତୀ



ବ୍ରହ୍ମପୁର,୨୭।୪ : ସ୍ୱତନ୍ତ୍ର ଉକଳ ପ୍ରଦେଶର ନିର୍ମାତା ପାରଳା ମହାରାଜାଙ୍କ ଯେଉଁ ସ୍ୱପ୍ନ ଥିଲା ଓଡ଼ିଶାକୁ ଏକ ସମୃଦ୍ଧିଶାଳି ରାଜ୍ୟ କରିବା, ତାହା ଆଜି ଅପୂରଣୀୟ ହୋଇ ରହିଛି ପାରଳା ମହାରାଜାଙ୍କ ଅବଦାନ ପାଇଁ ଉପଯୁକ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଉନାହିଁ ଏ ଦିଗରେ ରାଜ୍ୟ ସରକାର ସ୍ୱପୂର୍ଣ୍ଣ ଉଦାସୀନ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ

ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ତଥା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ୧୩୫ତମ ଜୟନ୍ତୀ ରବିବାର ପାଳିତ ହୋଇଛି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ମୃତି ପରିଷଦ ପକ୍ଷରୁ ଇଞ୍ଜିନିୟରିଂ ସ୍କୁଲ ଛକ ସ୍ଥିତ ରାଜସ୍ୱ ବଙ୍ଗଳା ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ମୁଖ୍ୟବକ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ନିଜ ବକ୍ତବ୍ୟରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସଂସ୍କୃତି, କ୍ରୀଡା, ସଂସ୍କୃତିକୁ ବୁଦ୍ଧିମନ୍ତ କରିବା ପାଇଁ ଗଜପତିଙ୍କ ଭୂମିକା ଉଲ୍ଲେଖନୀୟ ଥିଲା ବୋଲି କହିଥିଲେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ତଥା ହ୍ମସମାଜଦର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ନିର୍ମାଣର ସ୍ୱପ୍ନ ଦେଖୁଥିବା ଲାଲା ଲାଜପତ ରାୟ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଅହରହ ସଂଗ୍ରାମ କରିଥିବା ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ଗଜପତି ହିଁ ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେଇଥିଲେ ବୋଲି ଶ୍ରୀ ଜେନା କହିଥିଲେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ତାଙ୍କ ଭାଷଣରେ ବ୍ରହ୍ମପୁର ରେଳୱେ ଷ୍ଟେଶନରେ ଏକ ପ୍ରତିମୂର୍ତ୍ତି, ପାରଳା-ନୈପଡ଼ା ରେଳପଥକୁ ଗଜପତିଙ୍କ ନାମରେ ନାମିତ କରିବା, ପାରଳା ମହାରାଜା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା, ପାରଳା ସିଂହ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଯେଉଁ ଅପୂରଣୀୟ କାର୍ଯ୍ୟ ରହିଛି ତାହାକୁ ପୂରଣ କରିବା, ପାରଳାଖେମୁଣ୍ଡି ସହରକୁ ଏକ ଉନ୍ନତ ସହର ଭାବେ ଗଢ଼ି ତୋଳିଲେ ଗଜପତିଙ୍କ ପ୍ରକୃତ ସମ୍ମାନ ହେବ ବୋଲି କହିଥିଲେ ଦୈନିକଆଶା ସମ୍ପାଦକ ପ୍ରମୋଦ ପଣ୍ଡା, ପରିଷଦ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପାତ୍ର ଅତିଥି ଭାବେ ମଂଚାସୀନ ଥିଲେ ପରିଷଦ ସଭାପତି ଡ଼. ବାୟାମନୁ ଚର୍ଚି ସଭାରେ ସଭାପତିତ୍ୱ କରିଥିଲେ ପ୍ରାରମ୍ଭରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ସମାରୋହରେ ବୃନ୍ଦାବନ ଖଟେଇ, ସୁଧୀର ରାଉତ, ଡ଼. ଡ଼ମ୍ବରୁଧର ସାହୁ, ସଂଜୀବ ପଟ୍ଟନାୟକ, ଆଦିତ୍ୟ ନାରାୟଣ ରଥଙ୍କ ସମେତ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଓ ଗଜପତି ଜିଲାର ବିଭିନ୍ନ ଅନୁଷ୍ଠାନ ର କର୍ମକର୍ତ୍ତା ଯୋଗ ଦେଇଥିଲେ ଅବନୀ ଗୟା ଧନ୍ୟବାଦ ଦେଇଥିଲେ

# ଗୋ ସମ୍ମାନ ଦିବସ: ତହସିଲଦାରଙ୍କ ମାଧମରେ ଦାବିପତ୍ର

## ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ଦାବି





ବଲାଙ୍ଗୀର : ବଲାଙ୍ଗୀର ସହରରେ ‘‘ଗୋ ସମ୍ମାନ ଆହ୍ୱାନ ଅଭିଯାନ’’ ଓ ‘‘ଗୋ ସମ୍ମାନ ଦିବସ’’ କାର୍ଯ୍ୟକ୍ରମ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବଲାଙ୍ଗୀର ସହର ସମଲେଶ୍ୱରୀ ମନ୍ଦିର ଛକ ଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତହସିଲଦାରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ତହସିଲଦାରଙ୍କ ମାଧ୍ୟମରେ ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓ ପାଞ୍ଚ ହଜାର ସ୍ୱାକ୍ଷର ସମ୍ମିଳିତ ପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ଦେବା, ଗୋମାତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ବେଆଇନ ଗୋଚାଲାଣ ରୋକିବା, ଗୋଚର ଜମିକୁ ସଠିକ ଉପଯୋଗ କରିବା ଓ ନୂତନ ଗୋ ସୁରକ୍ଷା ଆଇନ୍ ଲାଗୁ କରିବା ପାଇଁ ଦାବି ଉଠାଯାଇଥିଲା। ତ୍ରିଲୋଚନ ମେହେରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ ଭୋଳ, ପ୍ରଦୀପ ଦାଶ, ଶଙ୍କର୍ଷଣ ଆଚାର୍ଯ୍ୟ, ଦେବାନନ୍ଦ ନାୟକ, କାଂହା ଶତପଥୀ, ବୁଲୁ ପର୍ଡ଼ିଆ, ସନତ୍ ପାତ୍ର, ସୁନଜ୍ ତ୍ରିପାଠୀ, କଳାକାଁହ୍ନୁ, ଶ୍ରୀକର ପ୍ରଧାନ, ସାଇ ସୁନ୍ଦର ନାଏକ, ପ୍ରଦୀପ ବେହେରା ସହିତ ସହରର ଶତାଧିକ ଗୋ-ସେବକ ଯୋଗଦାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।




ବ୍ରହ୍ମପୁର: ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# ଗ୍ୟାଙ୍ଗଟକରେ ଫୁଟବଲ ଖେଳିଲେ ପ୍ରଧାନମନ୍ତ୍ରୀ



ଗ୍ୟାଙ୍ଗଟକ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ସିକିମ ଗସ୍ତରେ ଅଛନ୍ତି। ମଙ୍ଗଳବାର ଦିନ ସେ ରାଜ୍ୟର ୫୦ତମ ପ୍ରତିଷ୍ଠା ଦିବସର ସମାପନୀ ଉତ୍ସବରେ ଯୋଗଦେବେ। ଫୁଟବଲ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଗ୍ୟାଙ୍ଗଟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ସିକିମ ଗସ୍ତରେ ଅଛନ୍ତି। ମଙ୍ଗଳବାର ଦିନ ସେ ରାଜ୍ୟର ୫୦ତମ ପ୍ରତିଷ୍ଠା ଦିବସର ସମାପନୀ ଉତ୍ସବରେ ଯୋଗଦେବେ। ଏହା ପୂର୍ବରୁ, ସେ ସକାଳୁ ସକାଳୁ ରାଜଧାନୀ ଗ୍ୟାଙ୍ଗଟକରେ ଯୁବବର୍ଗମାନଙ୍କ ସହିତ ଫୁଟବଲ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏହି ଅଭିଜ୍ଞତାକୁ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଗ୍ୟାଙ୍ଗଟକରେ ଆଜି ସକାଳ ବହୁତ ସ୍ୱତନ୍ତ୍ର ଥିଲା, ଏବଂ ସିକିମର ଯୁବବର୍ଗମାନଙ୍କ ସହିତ ଫୁଟବଲ ଖେଳିବା ଏକ ସ୍ମରଣୀୟ ଅଭିଜ୍ଞତା ଥିଲା। ସେ ଏହା ମଧ୍ୟ କହିଛନ୍ତି, ଯୁବବର୍ଗମାନଙ୍କ ସହିତ ଏହା ଏକ ସୁନ୍ଦର ଖେଳ ଅଧିବେଶନ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ସନ୍ଧ୍ୟାରେ ଗ୍ୟାଙ୍ଗଟକରେ ପହଞ୍ଚିଥିଲେ, ଯେଉଁଠାରେ ସେ ଏକ ରୋଡ୍ ସୋ କରିଥିଲେ। ତାଙ୍କ ରାଲି ହେଲିପ୍ୟାଡ୍‌ରୁ ଲୋକଭବନ ଅଭିମୁଖେ ଯାତ୍ରା କରିଥିଲା, ତାଙ୍କୁ ଦେଖିବା ପାଇଁ ରାସ୍ତା କଡ଼ରେ ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ। ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଗସ୍ତ ସମୟରେ ଗ୍ୟାଙ୍ଗଟକର ଅର୍କିଡାରିୟମ୍ ମଧ୍ୟ ପରିଦର୍ଶନ କରି ‘ସ୍ୱର୍ଣ୍ଣ ଜୟନ୍ତୀ ମୈତ୍ରୀ ମଞ୍ଜରୀ ପାର୍କ’ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସିକିମର ଜୈବ ବିବିଧତା ଏବଂ ପୁଷ୍ପ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ବିକଶିତ ହୋଇଛି। ସିକିମର ୫୦ତମ ବାର୍ଷିକୀ ଉପଲକ୍ଷେ ପାଲଜୋର ଷ୍ଟାଡିୟମରେ ମୁଖ୍ୟ ସମାରୋହରେ ଯୋଗଦେବେ। ସେ ୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରଧାନମନ୍ତ୍ରୀ ଗତବର୍ଷ ସିକିମର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଖରାପ ପାଗ ଯୋଗୁଁ ସେ ଯୋଗ ଦେଇପାରି ନଥିଲେ। ସେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ।

# ବାପାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କଲା ପୁଅ

ସୁନ୍ଦରଗଡ଼: ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କଲେ ପୁଅ, ଅଳ୍ପକେ ବର୍ତ୍ତିଲେ ମାଆ। ଏଭଳି ଏକ ନୃଶଂସ କାଣ୍ଡ ଘଟିଛି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କଦମଡ଼ିହି ଗ୍ରାମରେ। ଏହି ଖବର ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଛି । ସୋମବାର ରାତିରେ ଖାଇବାକୁ ନେଇ ଏହି ଘଟଣା ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ କୋଇଡା ପୋଲିସ ଜାଣିବାକୁ ପାଇଛି । ପାଟମୁଣ୍ଡା ଗ୍ରାମ ପଞ୍ଚାୟତର କଦମଡ଼ିହି ଗ୍ରାମରେ ପାଣ୍ଡୁ ମୁଣ୍ଡା , ସ୍ତ୍ରୀ ରାଇବାରି ମୁଣ୍ଡା ,ପୁଅ ସନା ମୁଣ୍ଡାଙ୍କୁ ନେଇ ପରିବାର । ମାଆ ରଇବାରି ମୁଣ୍ଡା ତାଙ୍କୁ ଖାଇବାକୁ ଦେଉଥିବାବେଳେ କୌଣସି କାରଣରୁ ସନା ହଠାତ୍? ଉତ୍ତ୍ୟକ୍ତ ହୋଇପଡ଼ିଥିଲେ ଏବଂ ନିଜ ମାଆକୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ମାଆଙ୍କ ଚିତ୍କାର ଶୁଣି ବାପା ପାଣ୍ଡୁ ମୁଣ୍ଡା ସ୍ତ୍ରୀକୁ ରକ୍ଷା କରିବା ପାଇଁ ତୁରନ୍ତ ଦୌଡ଼ି ଆସିଥିଲେ। କିନ୍ତୁ ପୁଅର ନୃଶଂସ ରୂପ ଦେଖି ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ। ବାପା ଯେତେବେଳେ ମାଆକୁ ବଞ୍ଚାଇବାକୁ ପ୍ରୟାସ କରୁଥିଲେ, ସେହି ସମୟରେ ପୁଅ ସନା ଏକ ଠେଙ୍ଗାରେ ବାପା ପାଣ୍ଡୁ ମୁଣ୍ଡାଙ୍କୁ ଅତି ନିର୍ମମ ଭାବେ ପିଟି ଥିଲେ। ଫଳରେ ବାପାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଏହି ସଂଘର୍ଷରେ ମାଆଙ୍କ ହାତ ଭାଙ୍ଗିଯାଇଥିବା ବେଳେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବରପାଇ କୋଇଡା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଘଟଣା ପରେ ଅଭିଯୁକ୍ତ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତାକୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ସେପଟେ ରାଉରକେଲାରୁ ଏକ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମର ଯାଞ୍ଚ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମଦ ବିକ୍ରିକୁ ନେଇ ମରଣାନ୍ତକ ଆକ୍ରମଣ

ବୌଦ୍ଧ: ବୌଦ୍ଧ ଥାନା ବାଘପଳି ଗ୍ରାମରେ ଚୋରା ମଦ ବିକ୍ରିକୁ ନେଇ ତୁମୁଳକାଣ୍ଡ । ଗଣ୍ଡଗୋଳରେ ଦୁଇଜଣ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ, ବାଘପାଲି ଗ୍ରାମର ଦୀନବନ୍ଧୁ ମେହେର ଚୋରାରେ ଗ୍ରାମରେ ମଦ ବିକ୍ରି କରୁଥିବା ବେଳେ ଗ୍ରାମର ଭାଗିରଥୀ ଭୋଇ ଏବଂ ତାଙ୍କର ଆଉ ଜଣେ ସହଯୋଗୀ ବିରୋଧ କରିଥିଲେ ।

ଏହି ଘଟଣାକୁ ନେଇ ସୋମବାର ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଯାହାଫଳରେ ମଦ ବ୍ୟବସାୟୀ ଦୀନବନ୍ଧୁ ମେହେର ଉତକ୍ଷିପ୍ତ ହୋଇ ତାଙ୍କ ପରିବାର ସହିତ ଭାଗିରଥୀ ଭୋଇ ଏବଂ ତାଙ୍କ ସହଯୋଗୀଙ୍କ ଉପରେ ବିଭିନ୍ନ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ଉଭୟେ ଗୁରୁତର ହୋଇଥିବା ବେଳେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେପଟେ ଘଟଣା ସ୍ଥଳରେ ଆଦର୍ଶ ଥାନା ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।




ଖଲ୍ଲିକୋଟ କଲେଜ ଗଣେଶ ହଲଠାରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ତରଫରୁ ଦୁଇ ଦିନିଆ ଆଲୋଚନା ଚକ୍ର

# ଦିଲ୍ଲୀ ବିପକ୍ଷରେ ବାଙ୍ଗାଲୁରୁର ଏକପାଖିଆ ବିଜୟ



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମ୍‌ଦାର ପ୍ରଦର୍ଶନ କରିଛି। ବେଙ୍ଗାଲୁରୁ ଟିମ୍ ଏହି ମ୍ୟାଚ୍‌କୁ ୯ଓ୍ୱିକେଟ୍‌ରେ ଜିତିଛି। ଦିଲ୍ଲୀକୁ ପ୍ରଥମେ ୧୬.୩ ଓଭରରେ ୭୫ ରନ୍‌ରେ ଅଟକାଇଥିଲା। ପରେ ୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ୬.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିଥିଲା।


ବେଙ୍ଗାଲୁରୁ ୭୭ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଜୋକୋବ ବେଥେଲ ବ୍ୟକ୍ତିଗତ ଭାବେ ୨୦ ରନ୍ ସଂଗ୍ରହ କରିଥିଲେ। ସେ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ବିରାଟ କୋହଲି ଅପରାଜିତ ୨୩ ରନ୍ ସଂଗ୍ରହ କରିଥିଲେ। ସେ ୧୫ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ସେହିପରି ଦେବଦୂତ୍ତ ପଡ୍ଡିକଲ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୩୪ ରନ୍ ସଂଗ୍ରହ କରିଥିଲେ।

ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ବିପର୍ଯ୍ୟର ସାମ୍ନା କରିଥିଲେ। ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରି ଆସିଥିଲେ। ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ। ବେଙ୍ଗାଲୁରୁର ତୃତୀୟ ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍‌ଭି (ଶୂନ୍ୟ ରନ୍) ଏବଂ ତିସ୍ତାନ ଷ୍ଟବ୍ (୫ରନ୍) ହୋଇଥିଲେ। ଦଳର ଆଗଧାଡ଼ିର ୪ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ। ସେ ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ। ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ।

କେଏଲ୍ ରାହୁଲ, ନିତିଶ ରାଣା, ସମୀର ରିଜ୍‌ଭି, ତ୍ରିସ୍ତାନ ଷ୍ଟବ୍‌ସ ଏବଂ ଅକ୍ଷର ପଟେଲ ଭଳି ତାରକା ତଥା ଯୁବ ବ୍ୟାଟରମାନେ ଆଜି ଦମ୍ଭ ଦେଖାଇପାରି ନାହାନ୍ତି । ଦିଲ୍ଲୀ କ୍ୟାପିଟାଲ୍‌ସର ଶକ୍ତିଶାଳୀ ଖେଳାଳିମାନଙ୍କର ବ୍ୟାଟ୍ ନିଷ୍କ୍ରିୟ ହୋଇଯାଇଛି। ଘରୋଇ ମାଟିରେ ଏହି ଖେଳାଳିମାନେ ବିପକ୍ଷ ଦଳର ବୋଲରଙ୍କ ହାତରେ ଆତ୍ମସମର୍ପଣ କରିଛନ୍ତି। ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ୪ ଏବଂ ଭୁବନେଶ୍ୱର କୁମାର ୩ ଦିଲ୍ଲୀ ଖେଳାଳିଙ୍କୁ ଆଉଟ୍ କରିଥିଲେ। ରସିକ ସାଲମ ଡାର, ସୂୟାଂଶ ଶର୍ମା ଏବଂ କ୍ରୁଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଏହାର କାରଣ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏକ ସଫଳ ରଣନୀତି ନେଇ ବୋଲିଂ କରିଥିଲା।

ରଜତ ପଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ ଟିମ୍‌କୁ ବେଙ୍ଗାଲୁର ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏଥି ସହିତ ବେଙ୍ଗାଲୁରୁ ଟିମ୍ ଏକ ସଫଳ ବୋଲିଂ ରଣନୀତି ପ୍ରସ୍ତୁତ କରିଥିଲା। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରିଛି। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍‌ର ଲକ୍ଷ୍ୟ ମିଳିଛି। ଦିଲ୍ଲୀର ରନ୍ ଚଳିତ ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ସୂଚନାଯୋଗ୍ୟ ଆଇପିଏଲ୍ ଇତିହାସରେ ସର୍ବନିମ୍ନ ସ୍କୋର ବେଙ୍ଗାଲୁରୁ ନାମରେ ରହିଛି, ଯାହା ଥିଲା ୨୦୧୭ ଏପ୍ରିଲ ୨୩ ତାରିଖ କୋଲକାତା ବିପକ୍ଷରେ। ଇର୍ଡେନ ଗାର୍ଡେନରେ ବେଙ୍ଗାଲୁରୁ ୯୪ ଓଭରରେ ସମସ୍ତ ୱିକେଟ ହରାଇ ୪୯ ରନ୍ ସଂଗ୍ରହ କରିଥିଲା।

# ବ୍ୟାନ୍ ହେଲା ବିବାଦୀୟ ଗୀତ, କ୍ଷମା ମାଗିଲେ ସଞ୍ଜୟ ଦତ୍ତ



ମୁମ୍ବାଇ : ବଲିଉଡ ଅଭିନେତା ସଞ୍ଜୟ ଦତ୍ତ ଏକ ବିବାଦୀୟ ଗୀତ ପାଇଁ ଖବରରେ ଅଛନ୍ତି । ଏକ ଗୀତ ୩୯ସାର୍କେ ଚୁନାର୩୯କୁ ନେଇ ବହୁତ ବିବାଦ ଚାଲିଛି । ଏହି ଗୀତଟିର ଅଶ୍ଳୀଳ ଗୀତ ପାଇଁ କଡ଼ା ସମାଲୋଚନା କରାଯାଇଥିଲା । ଅନେକ ବିରୋଧ ପରେ, ଏହି ଗୀତକୁ ବ୍ୟାନ୍ କରାଯାଇଛି । ଏବେ ଏହି ମାମଲାରେ ସଞ୍ଜୟ ଦତ୍ତ ଜାତୀୟ ମହିଳା କମିଶନ ସମ୍ମୁଖରେ ହାଜର ହୋଇଥିଲେ। ‘ସାର୍କେ ଚୁନାର ତେରୀ ସାର୍କେ’ଗୀତରେ ଅଶ୍ଳୀଳତା ଅଭିଯୋଗରେ ସଞ୍ଜୟ ଦତ୍ତଙ୍କୁ ସମନ କରାଯାଇଥିଲା । ଏହି ହାଜର ସମୟରେ ସଞ୍ଜୟ ଦତ୍ତ କ୍ଷମା ମାଗି କହିଥିଲେ ଯେ ସେ ଏହି ଗୀତର ଗୀତ ବିଷୟରେ ଜାଣି ନାହାଁନ୍ତି । ସଞ୍ଜୟ ଦତ୍ତ ତାଙ୍କ ପକ୍ଷ ରଖି କହିଛନ୍ତି ଯେ ଗୀତର ଲିରିକସ୍, ଅନୁବାଦ, ସୃଜନଶୀଳତା ଓ ବୃତ୍ତାନ୍ତ ପ୍ରସ୍ତୁତିର ତାଙ୍କୁ କୌଣସି ପୂର୍ବସୂଚନା ଦିଆଯାଏନି କି ଏଥିରେ ତାଙ୍କର ଭାଗିଦାରୀ ଅଥବା ନିୟନ୍ତ୍ରଣ ନଥାଏ। ଏଥିରେ ତାଙ୍କର ଭୂମିକା କେବଳ କଣ୍ଟ୍ରାକ୍ଟ ଅନୁସାରେ ଜଣେ ଅଭିନେତା ଭାବେ ଅଭିନୟ କରିବାରେ ସୀମିତ । ଖବର ଅନୁସାରେ ସଞ୍ଜୟ ଦତ୍ତ ତାଙ୍କ ଓକିଲ ହେମନ୍ତ ଶାହଙ୍କ ଲିଗାଲ ଟିମ୍ ସହିତ ଏନସିଡବ୍ଲୁ କାର୍ଯ୍ୟାଳୟକୁ ପହଞ୍ଚି କ୍ଷମାଯାଚନା କରିଛନ୍ତି ଓ କହିଛନ୍ତି ଯେ ଆଗାମୀ ଶିକ୍ଷା ବର୍ଷରେ ୫୦ ଜଣ ଝିଅଙ୍କ ଶିକ୍ଷା ଖର୍ଚ୍ଚ ବହନ କରିବେ । ଏଥିରେ ସେ ଖାସ କରି ମହାରାଷ୍ଟ୍ର ଓ ନଗପୁର ର ଝିଅମାନଙ୍କ ଶିକ୍ଷା ଖର୍ଚ୍ଚ ସେ ତୁଲାଇବେ ବୋଲି କହିଛନ୍ତି ।

# ନିଜ ଦେହରେ ନିଆଁ ଲଗାଇ ଦେଲେ ଛାତ୍ରୀ

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ଜଣେ ଛାତ୍ରୀ ଆତ୍ମାହୂତି ଉଦ୍ୟମ କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ଛାତ୍ରୀ ଜଣଙ୍କୁ ୨୦ ବର୍ଷ ହୋଇଥିବା ବେଳେ ସେ ଯୁକ୍ତ ୩ ଶେଷ ବର୍ଷରେ ପଢୁଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆସିକା ନିଆଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବ୍ରହ୍ମପୁରରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଛାତ୍ରୀ ଜଣଙ୍କ କାହିଁକି ନିଜ ଦେହରେ ନିଆଁ ଲଗାଇ ଦେଲେ, ତାହା ଜଣାପଡ଼ିନାହିଁ। ତେବେ ସୂଚନା ଅନୁଯାୟୀ, ପ୍ରେମ ବ୍ୟାପାରକୁ ନେଇ ସେ ଏହି ପଦକ୍ଷେପ ଉଠାଇଛନ୍ତି।

ଅନ୍ୟପକ୍ଷରେ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବିଲିପଡ଼ା ତାଳବସ୍ତ ରାସ୍ତାର ତାରିଣୀ ମନ୍ଦିର ନିକଟରେ ପେଟ୍ରୋଲ ଢାଳି ଜଣେ ଯୁବକ ଆତ୍ମହୂତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ କାହିଁକି ଏଭଳି ପଦକ୍ଷେପ ନେଲେ, ତାହା ଅସ୍ପଷ୍ଟ ରହିଛି। ଯୁବକ ଜଣକ ହେଉଛନ୍ତି ତାଳବସ୍ତ ଗାଁର ସୌମ୍ୟରଞ୍ଜନ ବାରିକ।



ବ୍ରହ୍ମପୁର: ହଳଦିଆପଦର ରେଲୱେ ଓଭର ବ୍ରିଜ ନିକଟରେ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗ ସହ ରେଳ ବିଭାଗର ଯନ୍ତ୍ରୀମାନଙ୍କ ମିଳିତ ଭାବେ ଆଲୋଚନା ।

Printed and Published & Owned by : Sreyan Patnaik, R. C. Das Lane, Berhampur-760004 & Printed at -M/S. Vijaya Printers, II/5 Industrial Estate, Berhampur-760008 (Ganjam)
POST BOX .-15, G .P. O, Berhampur-760001 (Odisha) : ନିର୍ବାହୀ ସମ୍ପାଦକ – ଡ. ହରିଶ ଚନ୍ଦ୍ର ବେହେରା ମୁଖ୍ୟ ସମ୍ପାଦକ– ଶ୍ରେୟାନ୍ ପଟ୍ଟନାୟକ